ସକାଳ
THE SAKALA



## କଳାପଥରରେ ପୋଡ଼ିଗଲା ପାଳଗଦା

**ବୌଦ୍ଧ,୨୩।୪(ସମିସ):** ବୌଦ୍ଧ ବ୍ଲକ୍ ମୁଣ୍ଡିପଦର ପଞ୍ଚାୟତ କଳା ପଥର ଗ୍ରାମରେ ଜଣେ ଚାଷୀଙ୍କ ପାଳଗଦା ଜଳି ଯାଇଛି । ଗାଁର ମହେଶ୍ୱର ପ୍ରଧାନଙ୍କ ପାଳଗଦାରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାଉଁଶୁଣୀ ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ । ତେବେ ସେତେବେଳକୁ ଢେର୍ ବିଳମ୍ବ ହୋଇ ଯାଇଥିଲା । ଏଣୁ ଦମକଳ ପହଞ୍ଚି ବେଳକୁ ପାଳଗଦା ସମ୍ପୂର୍ଣ୍ଣ ପାଉଁଶ ହୋଇ ଯାଇଥିଲା । ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ଘଟି ଥିବାରୁ ନିଆଁ ଲିଭାଇ କଳାପଥରରେ ପହଞ୍ଚିବାରେ ଦମକଳକୁ ବିଳମ୍ବ ହୋଇଥିଲା ।

## ତରଭାରେ ଭାରତ ବନ୍ଦର ଆଂଶିକ ପ୍ରଭାବ

**ତରଭା,୨୩।୪(ସମିସ):** ଭାରତ ମୁକ୍ତିମୋର୍ଚ୍ଚା ଓ ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ଦ୍ୱାରା ଆହୁତ ଭାରତ ବନ୍ଦ ଡାକରା ତରଭାରେ ଆଂଶିକ ପ୍ରଭାବ ପଡିଛି । ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ବଲାଙ୍ଗୀର ଶାଖା ଓ ଓବିସି, ଏସଟି, ଏସସି ସମନ୍ୱୟ ସମିତିର ପ୍ରକାଶ ହରିପାଲ, କୁଶଳେଶ୍ୱର ସୁନା, ହେମନ୍ତ ବିଶି, ଟୁକୁ ତାଣ୍ଡି, ନନ୍ଦୀ ଭୋଇଙ୍କ ନେତୃତ୍ୱରେ ବନ୍ଦ ସପକ୍ଷବାଦୀମାନେ ତରଭାର ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ସମ୍ମୁଖରେ ପିକେଟିଂ କରି ବନ୍ଦ କରାଇଥିଲେ । ସହରର ଦୋକାନ ବଜାର କିଛି ସମୟ ବନ୍ଦ ରହିଥିଲା । ସକାଳ ୧୦ଟା ପରେ ସ୍ୱାଭାବିକ ଭାବେ ଖୋଲା ରହିଥିଲା । ସରକାରୀ, ବେସରକାରୀ ବସ୍ ଚଳାଚଳ ବନ୍ଦ ରହିଥିବାରୁ ଜନସାଧାରଣ ଅସୁବିଧା ଭୋଗିଥିଲେ ।

### ଇସିରିସିଙ୍ଗା ଅଙ୍ଗନବାଡି କେନ୍ଦ୍ର ସହାୟିକା ନିଯୁକ୍ତିରେ ପାତରଅନ୍ତର

## ପୁନଃ ବିଜ୍ଞପ୍ତି ପ୍ରକାଶ ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ବୌଦ୍ଧ,୨୩।୪ (ସମିସ):** ବୌଦ୍ଧ ବ୍ଲକ୍ ବଘିଆପଡା ପଞ୍ଚାୟତ ଇସିରିସିଙ୍ଗା ଅଙ୍ଗନବାଡି କେନ୍ଦ୍ରରେ ସହାୟିକା ନିଯୁକ୍ତି ପାଇଁ ପୁନଃ ବିଜ୍ଞପ୍ତି ପ୍ରକାଶ ଦାବିରେ ଆଜି ଗ୍ରାମର ଶତାଧିକ ମହିଳା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଗ୍ରାମର ଅଙ୍ଗନବାଡି କେନ୍ଦ୍ରର ସହାୟିକା ନିଯୁକ୍ତି ପାଇଁ ଗତବର୍ଷ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ତାକୁ ବୌଦ୍ଧ ସିଡିପିଓ ବାତିଲ କରିଥିଲେ । ଦ୍ୱିତୀୟ ବିଜ୍ଞପ୍ତି ଆଉ ପ୍ରକାଶ ନ କରି ମନଇଛା ଜଣେ ମହିଳାଙ୍କୁ ସିଡିପିଓ ନିଯୁକ୍ତି ପତ୍ର ଦେଇଥିଲେ ।



ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇ ପୁନଃ ବିଜ୍ଞପ୍ତି ପ୍ରକାଶ ପାଇଁ ଦାବି କରିଥିଲେ । ୨୪।୩।୨୫ରେ ବୌଦ୍ଧ ସିଡିପିଓ ଓ ତହସିଲଦାର ଗ୍ରାମବାସୀଙ୍କ ସହ ଆଲୋଚନା କରି ୧୫ ଦିନ ମଧ୍ୟରେ ଏ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ; ମାତ୍ର ବର୍ଷେରୁ ଅଧିକ ସମୟ ଧରି କେନ୍ଦ୍ରରେ ତାଲା ପଡିବା ପରେ ଗତ ୧୮ ତାରିଖରେ ସିଡିପିଓ, ତହସିଲଦାର, ପୁଲିସ୍ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗ୍ରାମରେ ପହଞ୍ଚି ଗ୍ରାମବାସୀ ବର୍ଷେ ତଳେ ପକାଇଥିବା ତାଲା ଭାଙ୍ଗି ଚାଲି ଆସିଥିଲେ । ସେଥିପାଇଁ ଗ୍ରାମର ମହିଳାମାନେ ସହାୟିକା ନିଯୁକ୍ତି ପାଇଁ ପୁନଃ ବିଜ୍ଞପ୍ତି ପ୍ରକାଶ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଆଜି ଦାବି କରିଛନ୍ତି ।

## ସିଏମ୍ ଟ୍ରଫି ଉଦ୍‌ଯାପିତ



**ତରଭା,୨୩।୪(ସମିସ):** ସୋନପୁର ଜିଲ୍ଲାସ୍ତରୀୟ ସିଏମ୍ ଟ୍ରଫି ସୋନପୁର ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି । ଏହି ଖେଳ ପ୍ରତିଯୋଗିତାରେ ୪୮ ଗୋଟି ଦଳ ଭାଗ ନେଇଥିଲେ । ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡା ବିଭାଗ ସହଯୋଗରେ ୧୪ ବର୍ଷରୁ କମ ମୁଖ୍ୟମନ୍ତ୍ରୀ ଟ୍ରଫି ଆନ୍ତଃ କ୍ଲବ୍ ଓ ଆନ୍ତଃ ଜିଲ୍ଲା କବାଡି, ଖୋ ଖୋ, ଭଲିବଲ ଚାମ୍ପିୟନସିପ -୨୦୨୬ ଉଦ୍‌ଯାପିତ ହୋଇଯାଇଛି । ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ ଏହି ଟ୍ରଫିକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ତାମସୀ ତାମସ୍ୱିତା ନାଏକ, ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, କ୍ରୀଡ଼ାବିତ୍ ଗୋରେଖନାଥ ସାହୁ, କଇଁରୁ ସ୍ୱାଇଁ, ରାମକୁମାର ସାହୁ, ସ୍ୱରୂପ ପାତ୍ର , କ୍ରୀଡ଼ାବିତ୍ ଚିତ୍ତରଞ୍ଜନ ତରାସିଆ, ଆଦିତ୍ୟ କିଶୋର ଦାନୀ, ଗଣେଶ ମେହେର, କାଉନସିଲର ଗଙ୍ଗା ତରିଆ, ସୁକାନ୍ତ ସାହୁ, ରାମଧୁନ କ୍ଲବର ଶେଷଦେବ ମେହେର ଯୋଗ ଦେଇଥିଲେ । ଜିଲ୍ଲାର ୬ଟି ବ୍ଲକର ଭଲିବଲ, କବାଡି, ଖୋ ଖୋର ୩ଟି ଇଭେଣ୍ଟ ବାଳକ ବାଳିକା ବିଭାଗର ଦୁଇଟି ଲେଖାଏଁ ଟିମ୍ ଏହିଭଳି ସମୁଦାୟ ୩୬ଟି ଟିମ୍ ଭାଗ ନେଇଥିଲେ । ସୁବର୍ଣ୍ଣପୁର ପୌରପରିଷଦରୁ ୧୨ଟି ଟିମ୍ ସହ (କବାଡି - ୧୬ ଖୋ ଖୋ -୧୬, ଭଲିବଲ-୧୬) ସମୁଦାୟ ୪୮ଟି ଟିମ୍ ସିଏମ ଟ୍ରଫିରେ ଭାଗ ନେଇଥିଲେ । ବାଳିକା ଭଲିବଲ୍‌ରେ ସରକାରୀ ବାଳିକା ହାଇସ୍କୁଲ ତରଭା ଚାମ୍ପିଅନ, ବାଳିକା କବାଡ଼ିରେ ସରକାରୀ ବାଳିକା ହାଇସ୍କୁଲ ତରଭା ଚାମ୍ପିଅନ, ଉପ ବିଜେତା ସୋନପୁର ସରକାରୀ ବାଳିକା ହାଇସ୍କୁଲ, ଖୋ ଖୋ ବାଳିକାରେ ସରକାରୀ ବାଳିକା ହାଇସ୍କୁଲ ତରଭା ଚାମ୍ପିଅନ, ଉପ ବିଜେତା ସୋନପୁର ସରକାରୀ ବାଳିକା ହାଇସ୍କୁଲ ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ । ଏହି ଖେଳାଳିମାନେ ରାଜ୍ୟସ୍ତରୀୟ ଖେଳ ପ୍ରତିଯୋଗିତାରେ ଭାଗ ନେବେ ବୋଲି କ୍ରୀଡା ସଂଘ ପକ୍ଷରୁ ସୂଚନା ମିଳିଛି । ତରଭା ବାଳିକା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ କଲ୍ୟାଣ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ଅଭ୍ୟାସ କରୁଥିଲେ । ଏଥିରେ ନୈସାଦ୍ ମହମ୍ମଦ ସହଯୋଗ କରିଥିଲେ ।

## ବୌଦ୍ଧରେ ୪୨ ଡିଗ୍ରୀ ତାପମାତ୍ରା: ବଢ଼ିଲା ଛୁଟି ଅବଧି

**ବୌଦ୍ଧ,୨୩।୪ (ସମିସ):** ବୌଦ୍ଧ ଜିଲ୍ଲାରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଓ ତାପମାତ୍ରା ବୃଦ୍ଧି ପାଇଁ ପ୍ରଶାସନ ପକ୍ଷରୁ ପୁଣିଥରେ ଶିକ୍ଷାନୁଷ୍ଠାନ ବନ୍ଦ ନେଇ ନିଷ୍ପତ୍ତି ନିଆଯାଇଛି । ବୌଦ୍ଧରେ ଏବେ ତାପମାତ୍ରା ପ୍ରାୟ ୪୦ରୁ ୪୨ ଡିଗ୍ରୀ ରହୁଛି । ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଙ୍ଗନବାଡ଼ି କେନ୍ଦ୍ର, ସମସ୍ତ ସ୍କୁଲ, କଲେଜ ୨୫ ଯାଏଁ ବନ୍ଦ ରଖିବାକୁ ଜିଲ୍ଲା ପ୍ରଶାସନ ଆଦେଶ ଜାରି କରିଛି । ଏହା ପୂର୍ବରୁ ମଧ୍ୟ ପ୍ରବଳ ଖରା ଓ ତାତିକୁ ଦୃଷ୍ଟିରେ ରଖି ୧୮ ଏପ୍ରିଲରୁ ୨୨ ଏପ୍ରିଲ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରାଯାଇଥିଲା; କିନ୍ତୁ ତାପମାତ୍ରା କମିବା ପରିବର୍ତ୍ତେ ଅଧିକ ବଢ଼ିବାରୁ ପ୍ରଶାସନ ଛୁଟି ସମୟକୁ ଆହୁରି ବଢ଼ାଇଛି । ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟରୁ ଜାରି ଅଫିସ ଆଦେଶ ଅନୁଯାୟୀ, ଭୁବନେଶ୍ୱର ଆଇଏମଡି ପକ୍ଷରୁ ଜାରି ହିଟ୍‌ୱେଭ୍ ସତର୍କବାଣୀକୁ ଆଧାର କରି ଏହି ପଦକ୍ଷେପ ନିଆଯାଇଛି । ଗତ କିଛି ଦିନ ଧରି ବୌଦ୍ଧ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ସାଧାରଣ ଜନଜୀବନ ପ୍ରଭାବିତ ହେଉଛି । ତେବେ ଏହି ସମୟରେ ନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ଚାଲିବ ଏବଂ ସେଗୁଡ଼ିକୁ ସକାଳ ସମୟରେ କରାଇବାକୁ ପରାମର୍ଶ ଦିଆଯାଇଛି । ଶିକ୍ଷାନୁଷ୍ଠାନକୁ ପାନୀୟ ଜଳ ବ୍ୟବସ୍ଥା ଓ ଛାତ୍ରଛାତ୍ରୀଙ୍କ ପାଇଁ ହିଟ୍‌ୱେଭ୍ ସୁରକ୍ଷା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ପ୍ରଶାସନ ପକ୍ଷରୁ ଦିନ ୧୧ଟାରୁ ୩ଟା ମଧ୍ୟରେ ଅନାବଶ୍ୟକ ଭାବେ ବାହାରକୁ ନ ଯିବା, ପର୍ଯ୍ୟାପ୍ତ ପାଣି ପିଇବା ଓ ତାତିରୁ ସତର୍କ ରହିବାକୁ ସାଧାରଣ ଲୋକଙ୍କୁ ପରାମର୍ଶ ଦିଆଯାଇଛି ।

## ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ବୈଠକରେ ଉଦ୍‌ବେଗ

**ଡୁଙ୍ଗୁରିପାଲି,୨୩।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୋନପୁର ବିଧାୟକ ନିରଞ୍ଜନ ପୁଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉନ୍ନୟନ କାମର ସମୀକ୍ଷା କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ସୁପାର ଠେଲା, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ଯୋଗ ଦେଇଥିଲେ ।



ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ ଅଧ୍ୟକ୍ଷତା କରିଥିଲେ । ବିଡ଼ିଓ ସଂଜୀବ ସାହୁ ସଭା ପରିଚାଳନା କରିଥିବା ବେଳେ ଏବିଡିଓ ମହେଶ୍ୱ ମହେଶ୍ୱର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇ କନିଷ୍ଠ ଯନ୍ତ୍ରୀମାନଙ୍କ ବେପରୁଆ ମନୋଭାବ ଯୋଗୁଁ ଉନ୍ନୟନ କ୍ଷେତ୍ରରେ ବ୍ୟାଘାତ ହେଉଥିବା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପାନୀୟ ଜଳ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଣି ସମସ୍ୟା, ଡାକ୍ତର ଅଭାବ, ଶିକ୍ଷା, ରାସ୍ତାଘାଟ ନିର୍ମାଣ, ଗମନାଗମନ ମନ, ମହିଳା ଓ ଶିଶୁ ବିକାଶ, ଆବାସ ଯୋଜନା, ରାଶନକାର୍ଡ ଆଦି ସମସ୍ୟା ସମାଧାନ ହେଉ ନ ଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ୱାଧୀନ ଦାସ, ସମସ୍ତ ଯନ୍ତ୍ରୀ, ବ୍ଲକର ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ ।

## ହରଭଙ୍ଗାରେ ସାଇ ମନ୍ଦିର ପ୍ରତିଷ୍ଠା

**ହରଭଙ୍ଗା,୨୩।୪(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗାରେ ସାଇ ମନ୍ଦିର ପ୍ରତିଷ୍ଠା ହୋଇଛି । ଏହି ଅବସରରେ ଏକ ଏକ ବିଶାଳ ଶୋଭାଯାତ୍ରା ପବିତ୍ର ମହାନଦୀ ଅଭିମୁଖେ ବାହାରିଥିଲା । ୧୦୮ କଳସରେ ଜଳ ଅଣାଯାଇ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା । ଚିତ୍ତରଂଜନ ସିଂ ଓ ତାଙ୍କ ପତ୍ନୀ ସ୍ନେହଲତା ସିଂ କର୍ତ୍ତା ଥିଲେ । ମନୋରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ପରିଚାଳିତ ହୋଇଥିଲା । ପୂଜକ ପ୍ରଦୀପ ଦାଶ, ସତ୍ୟପ୍ରକାଶ ତ୍ରିପାଠୀ, ହରିହର ପୁରୋହିତ, ରଣଜିତ ପୁରୋହିତ, ଆଲୋକ ଦାଶ, ଗୋପ ଦାଶ, ପ୍ରତୀକ ନନ୍ଦ, ଦୁର୍ଯ୍ୟୋଧନ ଏବଂ କୁନାଲ ମହାପାତ୍ର ସହଯୋଗ କରିଥିଲେ ।

## ପଣା ବାଣ୍ଟିଲା ଘଣ୍ଟାପଡ଼ା ପୁଲିସ



**ବୌଦ୍ଧ,୨୩।୪(ସମିସ):** କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ଅଧୀନ ଘଣ୍ଟାପଡା ପୁଲିସ ଅଂଶୁଘାତରୁ ସୁରକ୍ଷା ପାଇଁ ସତର୍କତା ସଂପର୍କରେ ସଚେତନ କରିବା ସହ ଲୋକଙ୍କୁ ଦହି ପଣା ବଣ୍ଟନ କରିଛି । ଘଣ୍ଟାପଡ଼ା ବଜାର ଛକରେ ବାଟୋଇଙ୍କୁ ଦହି ପଣା ଦେଇ ଖରାରେ ଜରୁରୀ କାର୍ଯ୍ୟ ନ ଥିଲେ ଘରୁ ନ ବାହାରିବାକୁ ପୁଲିସ ପକ୍ଷରୁ ସଚେତନ କରାଯାଉଛି । ଘଣ୍ଟାପଡ଼ା ପୁଲିସ ପକ୍ଷରୁ ଏହା ଏକ ଛୋଟ ପ୍ରୟାସ ବୋଲି ଥାନାଧିକାରୀ ସୌମ୍ୟରଞ୍ଜନ ପାତ୍ର କହିଛନ୍ତି । ଏଏସ୍ଆଇ ଗୋବିନ୍ଦ ମଲିକ, ସୁଶାନ୍ତ ମଲ୍ଲିକ, ଗିରିଧାରୀ ମାଝୀ ପ୍ରମୁଖ ସହଯୋଗ କରିଥିଲେ ।

## ରୁଣ୍ଡିମହୁଲରେ କଳସଯାତ୍ରା



**କଣ୍ଟାମାଳ,୨୩।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ରଣ୍ଡିମହୁଲ ଗ୍ରାମରେ ଛପନ ପ୍ରହର ନାମଯଜ୍ଞ ଅଧିବାସ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରଣ୍ଡିମହୁଲ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଅଞ୍ଚଳବାସୀଙ୍କ ସହଯୋଗରେ ୨୪ତାରିଖରୁ ୧ତାରିଖ ପର୍ଯ୍ୟନ୍ତ ୫୬ପ୍ରହର ନାମଯଜ୍ଞ ହେବ । ଗ୍ରାମର ତ୍ରିଶୂଳ ମୁଣ୍ଡା ପୋଖରୀରେ ଅଶୋକ ଦାସ ଗଙ୍ଗାମାତାଙ୍କୁ ଆବାହନ କରିବା ପରେ କଳସ ଶୋଭାଯାତ୍ରା ହୋଇଥିଲା ।

## ୬ ତହସିଲରେ ହାଇଟେକ ସର୍ଭେର ଚୂଡାନ୍ତ ପଟ୍ଟା ବଣ୍ଟନ



**ତରଭା,୨୩।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲାର ବହୁ ପ୍ରତୀକ୍ଷିତ ହାଇଟେକ ସର୍ଭେର ଚୂଡାନ୍ତ ପଟ୍ଟା ବଣ୍ଟନ କରାଯାଇଛି । ଜିଲ୍ଲାର ୬ଟି ତହସିଲରେ ୧୬୦ରୁ ଅଧିକ ପଟ୍ଟା ବଣ୍ଟନ କରାଯାଇଛି । ସୁବର୍ଣ୍ଣପୁର ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କମିଟିର ଅଧ୍ୟକ୍ଷ ତଥା ବୀରମହାରାଜପୁର ର ବିଧାୟକ ଙ୍ଗ ରଘୁନାଥ ଜଗଦଲା ନିଜେ ଉପସ୍ଥିତ ରହି ବୀରମହାରାଜପୁର ତହସିଲ ପିତାମହୁଲଠାରେ ଚୌହାନପୁର ମୌଜାର ହାଇଟେକ ସର୍ଭେର ଚୂଡାନ୍ତ ପଟ୍ଟା ବଣ୍ଟନ କରିଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. ନୃପରାଜ ସାହୁ, ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ସାଂସଦଙ୍କ ପ୍ରତିନିଧି ନଳିନୀ ପଣ୍ଡା ଏବଂ ସମାଜସେବୀ ବେଣୁଧର ଦାଶ ଯୋଗଦେଇଥିଲେ । ବୀରମହାରାଜପୁର ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚୌହାନପୁର ମୌଜାର ମୋଟ ୨୫ ଜଣ ରୟତଙ୍କୁ ପଟ୍ଟା ପ୍ରଦାନ କରାଯାଇଛି । ସେହିପରି ଉଲୁଣ୍ଡା ତହସିଲର ଘମଡିଆପାଲି ଗ୍ରାମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଉପସ୍ଥିତ ରହି ୭ ୯ଟି ପଟ୍ଟା ବଣ୍ଟନ କରିଥିଲେ । ସୋନପୁର ତହସିଲ ଅଧୀନ ଶିଆଳଜୁରୀରେ ୩୮ ଜଣ ଗ୍ରାମବାସୀଙ୍କୁ ପଟ୍ଟା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଡ. ସୌମ୍ୟ ରୁପା ରଥ, ତହସିଲଦାର ଜି ରଶ୍ମିରେଖା ଓ ଡେପୁଟି କଲେକ୍ଟର ସିଦ୍ଧାର୍ଥ ଦାସ ଉପସ୍ଥିତ ଥିଲେ । ବିନକା ଏବଂ ରାମପୁର ତହସିଲରେ ୮ଟି ଲେଖାଏ ଏବଂ ତରଭା ତହସିଲରେ ୪ଟି ପଟ୍ଟା ବଣ୍ଟନ କରାଯାଇଛି ।

## ଅର୍ଗାନ ବାଦକ ହେମନ୍ତଙ୍କ ଦେହାନ୍ତ



**ମନମୁଣ୍ଡା,୨୩।୪ (ସମିସ):** ବୌଦ୍ଧ ବ୍ଲକ୍ କସୁରବନ୍ଧ ପଞ୍ଚାୟତ ମସିଣାପଡା ଗ୍ରାମର ସୁନାମଧନ୍ୟ ଅର୍ଗାନ ବାଦକ ହେମନ୍ତ ମଲ୍ଲିକ ଆଉ ନାହାନ୍ତି । ମାତ୍ର ୩୫ ବର୍ଷରେ ତାଙ୍କ ପରଲୋକ ଘଟିଛି । ସେ ମୁଖ କର୍କଟ ରୋଗରେ ଆକ୍ରାନ୍ତ ଥିଲେ । ଏହି ଦୁଃଖଦ ଘଟଣାରେ ତାଙ୍କ ପତ୍ନୀ ଜ୍ୟୋସ୍ନା ଭାଙ୍ଗି ପଡ଼ିଛନ୍ତି । ଦୁଇ ଝିଅ ସୁଭି (୭) ଓ ବେବି (୪) ବେସାହାରା ହୋଇଯାଇଛନ୍ତି । ଗାଁ ଶ୍ମଶାନରେ ମାମୁଁ କହଁର ବୁଢ଼ା ମୁଖାଗ୍ନି ଦେଇଥିଲେ ।

## ବାର୍‌ହା ମୃତଦେହ ଉଦ୍ଧାର

**ବୌଦ୍ଧ,୨୩।୪(ସମିସ):** କଣ୍ଟାମାଳ ଫରେଷ୍ଟ ରେଞ୍ଜ ବରପଦର ସେକ୍ସନ ଅଧୀନ ଗଡ ଫେସଫେଡ଼ି ଗ୍ରାମ ନିକଟ ଖୋଲାମୁଣ୍ଡା ଜଙ୍ଗଲରୁ ଏକ ବାର୍‌ହା ମୃତଦେହ ଉଦ୍ଧାର ହୋଇଛି । ସ୍ଥାନୀୟ ଲୋକ ଏହା ପ୍ରଥମେ ଦେଖିଥିଲେ । ହେଲେ ଖରାରେ ବାର୍‌ହାଟି ଦରସିଝା ହୋଇ ଯାଇଥିବାରୁ ବୁଦବାରଠାରୁ ମରିଥିବା ଲୋକେ ଅନୁମାନ କରିଥିବା କହିଛନ୍ତି । ତେବେ ମରିବାର ଗୋଟିଏ ଦିନ ବିତି ଯାଇଥିବା ବେଳେ ଦାୟିତ୍ୱରେ ଥିବା ବନ ବିଭାଗ କର୍ମଚାରୀ କେମିତି ଏ ବିଷୟରେ ଜାଣିପାରିଲେ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଦିନ ୧୦ଟାରେ ଲୋକେ ଖବର ଦେଇଥିବା ବେଳେ ଦିନ ୧୨ଟାରେ ବନ କର୍ମଚାରୀ ପହଞ୍ଚିଥିଲେ । ବ୍ୟବଚ୍ଛେଦ ପରେ ରେଞ୍ଜ ଅଫିସ ପରିସରରେ ତାକୁ ପୋତି ଦିଆଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଫରେଷ୍ଟ ରେଞ୍ଜ ଅଧିକାରୀ ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ପୁସ୍ତକ ଜ୍ଞାନର ଗନ୍ତାଘର

**ବୀରମହାରାଜପୁର,୨୩।୪(ସମିସ):** ପୁସ୍ତକ ଜ୍ଞାନର ଗନ୍ତାଘର । ପଢିଲେ ଚିନ୍ତାଚେତନା ଓ ଭାବ ଭାବନାର ଅଭିବୃଦ୍ଧି ଘଟିଥାଏ । ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରେଇ ଜ୍ଞାନର ଆଲୋକ ପ୍ରଦାନ କରିଥାଏ । ଯିଏ ଯେତେ ପୁସ୍ତକ ପଢିବ ସିଏ ସେତେ ଭଲ ଲେଖିବ । ଜ୍ଞାନର ପରିସୀମାକୁ ବୃଦ୍ଧି କରିବାର ଏହା ଏକ ବଳିଷ୍ଠ ମାଧ୍ୟମ । ଗୋଟିଏ ପୁସ୍ତକ ମନୁଷ୍ୟର ଦୁଃଖ ଓ ସୁଖ ସମୟର ଏକ ଭଲ ସାଥୀ ଭାବରେ ପରିଗଣିତ ହୋଇଥାଏ । ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ ଗୁରୁବାର ବିଶ୍ୱ ପୁସ୍ତକ ଦିବସ ପାଳନ ଅବସରରେ ଏହା ମତ ପ୍ରକାଶ ପାଇଛି । ମୁଖ୍ୟ ଅତିଥି ଭାବେ ପୂର୍ବତନ ସଭାପତି ଭଗବାନ ମିଶ୍ର, ମୁଖ୍ୟ ବକ୍ତା ଭାବରେ ଶିକ୍ଷାବିତ୍ ରାଧେଶ୍ୟାମ ପୁରୋହିତ, ସମ୍ମାନିତ ଅତିଥି ଭାବରେ ବାସୁଦେବ ପଣ୍ଡା ଯୋଗ ଦେଇଥିଲେ । ପ୍ରଫୁଲ୍ଲ ରଥ ସଭାପତିତ୍ୱ କରିଥିବାବେଳେ ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିଲେ । ଶ୍ୟାମସୁନ୍ଦର ସେଠୀ ସ୍ୱାଗତ କରିଥିଲେ । କୋଷାଧ୍ୟକ୍ଷ ଅକ୍ଷର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସୁରୁ ସାହୁ, ଜୀତେନ୍ଦ୍ର ପ୍ରଧାନ, ତ୍ରିନାଥ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

## ଓଡ଼ିଆ ଭାଷା ବ୍ୟବହାର ପ୍ରଶିକ୍ଷଣ ଶିବିର



**ବୌଦ୍ଧ,୨୩।୪ (ସମିସ):** ବୌଦ୍ଧ ଜିଲ୍ଲାରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ବ୍ୟାପକ ଓ ନିର୍ଭୁଲ କରିବା ଉଦ୍ଦେଶ୍ୟରେ ୨ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି । ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ଅନୁଷ୍ଠିତ ଏହି ଶିବିର ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଶିବିରରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଯୋଗ ଦେଇଥିଲେ । ଡ. ସିଦ୍ଧାର୍ଥ ଶଙ୍କର ପାଢ଼ି, ଡ. ରମେଶ ମଲ୍ଲିକ, ମନୋରଞ୍ଜନ ପାଣିଗ୍ରାହୀ ପ୍ରଶିକ୍ଷଣ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଓ ଉପ-ଜିଲ୍ଲାପାଳ ବିନୟ ଭୋଇ ଯୋଗ ଦେଇଥିଲେ । ଡେପୁଟି କଲେକ୍ଟର ଅଙ୍କିତା ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଜିଲ୍ଲାର ବିଭିନ୍ନ ବିଭାଗର ୧୩୦ ଜଣ ଅଧିକାରୀ ଓ କର୍ମଚାରୀ ଏହି ଶିବିରରେ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ପ୍ରଶାସନିକ ଓ ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ନେଇଥିଲେ ।

## ମନ୍ଦିର ପ୍ରତିଷ୍ଠା ଅବସରରେ କଳସ ଶୋଭାଯାତ୍ରା

**ବୀରମହାରାଜପୁର,୨୩।୪(ସମିସ):** ବୀରମହାରାଜପୁର ବ୍ଲକ୍ ମୃଶୁଣି ପଞ୍ଚାୟତ ଘଣ୍ଟପାଲିରେ ନବ ନିର୍ମିତ ଗୋପାଳଜୀ ମନ୍ଦିର ପ୍ରତିଷ୍ଠା ଅବସରରେ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗ୍ରାମବାସୀ ଓ ଆଖପାଖ ୫ଖଣ୍ଡ ଗାଁର ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇଥିଲେ । ଭୂତିଆପାଲି ନିକଟସ୍ଥ ଘୁଙ୍ଗି ନାଳରୁ କଳସ ଯାତ୍ରା ଆରମ୍ଭ ହୋଇଥିଲା । ପୂଜକ ଭାବେ ବନମାଳୀ ଚାନ୍ଦ, କର୍ତ୍ତା ଭାବେ ଗୌରୀ ଶଙ୍କର ହୋତା ଓ ରିନାରାଣୀ ପଣ୍ଡା କାର୍ଯ୍ୟ ସମ୍ପାଦନା କରିଥିଲେ । ନ୍ୟାୟମୂର୍ତ୍ତି ରାମଶଙ୍କର ହୋତା ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାଜଗୋପାଳ ପାଣଗ୍ରାହୀ ଉପଦେଷ୍ଟା ଭାବେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ପୂର୍ବତନ ବିଧାୟକଙ୍କୁ ଭେଟିଲେ ଅନୁସୂଚିତ ଜାତି ଜିଲ୍ଲା ସଭାପତି



**କଣ୍ଟାମାଳ,୨୩।୪(ସମିସ):** ରାଜ୍ୟ ସରକାରଙ୍କର ଦ୍ୱାରା ଅନୁସୂଚିତ ଜନଜାତିର ବିକାଶ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ବୌଦ୍ଧ ଜିଲ୍ଲା ଅନୁସୂଚିତ ଜନଜାତିର ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ତାଣ୍ଡି, ଚିତ୍ତରଞ୍ଜନ ପାତ୍ର, ଠାକୁର ଚରଣ ନାଏକ ଓ କର୍ମୀ ବାଲିଗୁଡାର ପୂର୍ବତନ ବିଧାୟକ ଭଗବାନ କହଁରଙ୍କୁ ଭେଟିଥିଲେ । ବୌଦ୍ଧ ଜିଲ୍ଲା ଅନୁସୂଚିତ ଜନଜାତିର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି । ସମସ୍ତେ ମିଳିମିଶି ଅଞ୍ଚଳର କାମ କଲେ ଜିଲ୍ଲାର ବିକାଶ ହେବ ବୋଲି ଶ୍ରୀ ତାଣ୍ଡି କହିଛନ୍ତି ।

## ବିଜେଡିକୁ ଅଧିକ ସୁଦୃଢ କରିବାକୁ ସଂକଳ୍ପ

**ବୌଦ୍ଧ,୨୩।୪(ସମିସ):** ପୁରୁଣାକଟକ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ବିଜୁ ଜନତା ଦଳର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ଜିଲ୍ଲା ସଭାପତି ପଦ୍ମନାଭ ବେହେରା ଏବଂ ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା ଯୋଗଦେି ହରଭଙ୍ଗା ବ୍ଲକ ବିଜୁ ଜନତାଦଳ ନେତୃମଣ୍ଡଳୀଙ୍କ ସହ ଆଲୋଚନା କରିଥିଲେ । ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରି ଓଡ଼ିଶାର ହିତ ଏବଂ ଓଡ଼ିଆଙ୍କ ସ୍ୱାର୍ଥ ପାଇଁ ବିଜୁ ଜନତା ଦଳକୁ ସଙ୍ଗଠିତ ଏବଂ ସୁଦୃଢ କରିବା ପାଇଁ ଆଲୋଚନା ହୋଇଥଲା । ବୈଠକରେ ବ୍ଲକ୍ ସଭାପତି ପଙ୍କଜ ସାହ. ବରିଷ୍ଠ ଆଇନଜୀବୀ ରବିଚନ୍ଦ୍ର ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅବକାଶ ସାହୁ, ସୁଶାନ୍ତ ପ୍ରଧାନ, ସୀତାରାମ ଅଗ୍ରୱାଲା, ତ୍ରିବିକ୍ରମ ମହାଙ୍କୁଡ, ସଞ୍ଜୟ ଦେହୁରୀ, ଜ୍ୟୋତିର୍ମୟ ଦାସ, ପ୍ରତିଭା ସାହୁ, ନିହାର ଘୋଷ, ଅଶୋକ ସେଠି, ସୁଜ୍ଞାନ କର୍ଣ୍ଣ, ଦିଲୀପ ସାହୁ, ପଞ୍ଚାନନ ହୋତା, ଅଜିତ ଭୋକ୍ତା ପ୍ରମୁଖ ଯୋଗ ଦେଇଥିଲେ ।

## ସ୍ୱାସ୍ଥ୍ୟ ଓ ସମୃଦ୍ଧି ପାଇଁ ଯୋଗ ଶିବିର

**ବୀରମହାରାଜପୁର,୨୩।୪(ସମିସ):** ସୁବଲୟାରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜଟେସିଂହା ଆରୋଗ୍ୟ ମନ୍ଦିରର ଯୋଗ ଶିକ୍ଷକ ଦିନେଶ ବିଶ୍ୱାଳ ଯୋଗଦେଇ ସୂକ୍ଷ୍ମ ବ୍ୟାୟାମ, ଆସନ, ପ୍ରାଣାୟାମ ଓ ମୁଦ୍ରା ଅଭ୍ୟାସ କରାଇଥିଲେ । ଯଥାର୍ଥ ଜୀବନ ଶୈଳୀ ଦ୍ୱାରା କିପରି ପ୍ରତିଷେଧକ ଶକ୍ତି ବଢେଇ ରୋଗ ହେବା ଆଗରୁ ନିଜକୁ ରୋଗମୁକ୍ତ ରଖି ହେବ ସେ ବିଷୟରେ ଆଲୋଚନା କରିଥିଲେ । ଡା. ଲିପୁନ ପ୍ରଧାନ ମାର୍ଗଦର୍ଶନ କରିଥିଲେ ।

### ସୁବର୍ଣ୍ଣପୁରରେ ଅଷ୍ଟମ ପୋଷଣ ପକ୍ଷ

## ଶିଶୁ ପୋଷଣ ଓ ମାନସିକ ବିକାଶ ଉପରେ ଗୁରୁତ୍ୱ

**ତରଭା,୨୩।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ଅଷ୍ଟମ ପୋଷଣ ପକ୍ଷ ପାଳନ କରାଯାଇଛି । ଏହି ପକ୍ଷ ପାଳନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଡ. ନୃପରାଜ ସାହୁ ଉପସ୍ଥିତ ଆଙ୍ଗନବାଡି କର୍ମୀଙ୍କୁ ଶିଶୁଙ୍କ ପୋଷଣ ଉପରେ ବ୍ୟକ୍ତିଗତ ଭାବେ ଧ୍ୟାନ ଦେବା ପାଇଁ କହିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡ. ଉଷାରଣୀ ଦାସ, ଜିଲ୍ଲା ଶିଶୁ ବିକାଶ ଅଧିକାରୀ ଚତୁର୍ଭୁଜ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ବୀଣାପାଣି ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆଙ୍ଗନବାଡି କର୍ମୀଙ୍କ ଅଧୀନରେ ଆସୁଥିବା ଅଞ୍ଚଳର ୬ ବର୍ଷରୁ କମ୍ ଶିଶୁଙ୍କ ପୋଷଣ ମାତ୍ରାର ତଥ୍ୟ ରଖିବା ସହ ପ୍ରତିମାସ ତାହାର ତୁଳନା କରିବା ଅତ୍ୟାବଶ୍ୟକ । ପ୍ରତିମାସରେ ଏହି ପକ୍ଷ ୨ ଥର ପାଳନ ହେବା ଆବଶ୍ୟକ ବୋଲି ଜିଲ୍ଲାପାଳ କହିଥିଲେ । ମାନସିକ ପୋଷଣ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା । ଶିଶୁମାନେ କେମିତି କାର୍ଯ୍ୟକଳାପରେ ଅଂଶଗ୍ରହଣ କଲେ ତାଙ୍କର ମାନସିକ ବିକାଶ ହେବ ସେଥିପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା ।



ଗତ ୯ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲ୍ଲାରେ ପୋଷଣ ପକ୍ଷ ପାଳନ କରାଯାଇଛି । ଆଙ୍ଗନବାଡି କର୍ମୀଙ୍କ ଦ୍ୱାରା କେନ୍ଦ୍ର ସ୍ତରରେ, ପରେ ମଣ୍ଡଳ ସ୍ତରରେ ଏବଂ ତାହାପରେ ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ସ୍ତରରେ ଏହା ପାଳିତ ହୋଇଛି । ଶେଷ ଦିନରେ ଜିଲ୍ଲାସ୍ତରରେ ଏହା ପାଳନ କରାଯାଇଛି । ଏହି ପକ୍ଷରେ ଜନ୍ମରୁ ୬ ବର୍ଷ ବୟସ ମଧ୍ୟରେ ଶିଶୁଙ୍କ ମସ୍ତିଷ୍କ ବିକାଶ ପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ପକ୍ଷ ପାଳନରେ ୫ଟି ମୁଖ୍ୟ ଉଦ୍ଦେଶ୍ୟ ରଖାଯାଇଛି । ତାହା ହେଲା ମା ଓ ଶିଶୁର ପୋଷଣ, ମସ୍ତିଷ୍କର ବିକାଶ ପାଇଁ ପ୍ରାରମ୍ଭିକ ପ୍ରୋତ୍ସାହନ, ପ୍ରାରମ୍ଭିକ ବୟସରେ ଖେଳ ଆଧାରିତ ଶିକ୍ଷା, ଶିଶୁଙ୍କ ସ୍କ୍ରିନ ଟାଇମ କମ୍ କରିବାରେ ମାତାପିତା ଓ ସମୁଦାୟର ଭୂମିକା ଏବଂ ଆଙ୍ଗନବାଡି କେନ୍ଦ୍ରର ସଶକ୍ତିକରଣ ପାଇଁ ସାମୁହିକ ସମର୍ଥନ । ଏହି କାର୍ଯ୍ୟକ୍ରମରେ ଆଙ୍ଗନବାଡି କର୍ମୀ, ପରିଦର୍ଶିକା, ସ୍ୱୟଂ ସହାୟକ ଗୋଷ୍ଠୀ, କିଶୋରୀ ବାଳିକା ଓ ପୋଷଣ ଗୋଷ୍ଠୀ ସଂଯୋଜକମାନେ ଭାଗ ନେଇଥିଲେ । କାର୍ଯ୍ୟକ୍ରମରେ ଜନ ଆନ୍ଦୋଳନ ପୋର୍ଟାଲରେ ଭଲ ପ୍ରଦର୍ଶନ ପାଇଁ ସମନ୍ୱିତ ଶିଶୁ ବିକାଶ ସେବା ବିନକା ଏବଂ ବୀରମହାରାଜପୁରର ପୋଷଣ ଗୋଷ୍ଠୀ ସଂଯୋଜକମାନଙ୍କୁ ସମ୍ମାନିତ କରାଯାଇଥିଲା । ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ପ୍ରଧାନ ଏବଂ ଅନ୍ୟ ସମସ୍ତ ଅଧିକାରୀବୃନ୍ଦ ଆଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ପୋଷଣ ଗୋଷ୍ଠୀ ସଂଯୋଜକମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପୌଷ୍ଟିକ ଖାଦ୍ୟ ପରିଦର୍ଶନ କରି ସେଗୁଡ଼ିକର ସ୍ୱାଦ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ମହିଳା ସଂରକ୍ଷଣ ବିଲ୍‌କୁ ନେଇ ବିଜେପିର ସଫେଇ

**ବୌଦ୍ଧ,୨୩।୪(ସମିସ):** ବୌଦ୍ଧ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ବିଜେପି ମହିଳା ସଂରକ୍ଷଣ ବିଲ୍‌କୁ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସଫେଇ ଦେଇଛି । ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ମୀନାରାଣୀ ମିଶ୍ର, ବିପ୍ରଚରଣ ମହାନ୍ତି, ସଂଯୁକ୍ତା ନାଏକ, ନମିତାରାଣୀ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ବିରୋଧୀ ଦଳ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଓ ଡିଲିମିଟେସନ ବିଲ୍‌କୁ ବିରୋଧ କରି ଲୋକସଭାରେ ପାସ୍ କରାଇ ଦେଲେ ନାହିଁ । ଏହା ଫଳରେ ମହିଳାଙ୍କ ସମ୍ମାନ ପ୍ରତି ବିରୋଧୀ ଦଳର ଆଭିମୁଖ୍ୟ ସ୍ପଷ୍ଟ ହୋଇଛି । ଆଗାମୀ ଦିନରେ ଦେଶର ୫୦ ପ୍ରତିଶତ ମହିଳା ଏହାର ଉଚିତ୍ ଜବାବ୍ ଦେବେ ବୋଲି ବିଜେପି ନେତୃବୃନ୍ଦ ନିଜ ଉପରୁ ଦୋଷ ଛଡାଇ ସଫେଇ ଦେଇଥିଲେ । ବିଜେପି ସବୁବେଳେ ମହିଳାଙ୍କୁ ସମ୍ମାନ ଓ ସୁରକ୍ଷା ଦେଇଆସୁଛି । ଏହି ବିଲ୍ ପାସ୍ କରାଇବାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ବିରୋଧୀ ଦଳଙ୍କୁ ମହିଳାମାନେ ଉଚିତ ଜବାବ ଦେବେ ବୋଲି ଚହି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶ୍ରୀମତୀ ନାୟକ କୁମ୍ଭୀର କାନ୍ଦଣା କାନ୍ଦିଥିଲେ ।



# ଇନ୍ଦ୍ରାବତୀ ନଦୀକୂଳରୁ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

**ଥୁଆମୂଳରାମପୁର, ୨୩।୪ (ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ଥାନା ରାଣୀପଦରକାଠକୁରା ସୀମାରେ ପ୍ରବାହିତ ଇନ୍ଦ୍ରାବତୀ ନଦୀକୂଳରୁ ଜଣେ ଅଚିହ୍ନା ମହିଳାଙ୍କ ଗଳିତ ମୃତଦେହ ମିଳିବା ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପଲିଥିନ ଭିତରେ ଗୋଡାଯାଇଥିବା ଅବସ୍ଥାରେ ଶବ ମିଳିବା ଘଟଣାକୁ ନେଇ ଲୋକମାନଙ୍କ ମଧ୍ୟରେ ଭୟ ଓ ସନ୍ଦେହର ପରିବେଶ ସୃଷ୍ଟି ହୋଇଛି। ବୁଧବାର କିଛି ସ୍ଥାନୀୟ ଲୋକ ନଦୀ କୂଳରେ ସନ୍ଦେହଜନକ ଭାବେ ପଲିଥିନରେ ମୁଡ଼ିଥିବା ଏକ ବସ୍ତୁ ଦେଖିଥିଲେ। ନିକଟକୁ ଯାଇ ଯାଞ୍ଚ କରିବା ପରେ ମୃତଦେହ ବୋଲି ଜାଣି ପୁଲିସକୁ ସୂଚନା ଦିଆଯାଇଥିଲା। ସନ୍ଧ୍ୟା ସମୟ ହେବାରୁ ପ୍ରଥମ ଦିନ ତଦନ୍ତରେ ବାଧା ସୃଷ୍ଟି ହୋଇଥିଲା। ଗୁରୁବାର ସକାଳେ ଥୁଆମୂଳରାମପୁର ପୁଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହକୁ ଜବତ କରିଥିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ତଦନ୍ତକାରୀ ଅଧିକାରୀ ସବ୍‌ଇନ୍ସପେକ୍ଟର ସନ୍ତୋଷ କୁମାର ସେଠୀ ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର ସଠିକ କାରଣ ଜଣାପଡ଼ିବ ବୋଲି ସୂଚନା ଦେଇଛନ୍ତି। ପ୍ରାଥମିକ ତଥ୍ୟ ଅନୁଯାୟୀ, ମୃତଦେହଟି ପ୍ରାୟ ମାସେରୁ ଅଧିକ ସମୟ ପୁରୁଣା ହୋଇଥିବା ସନ୍ଦେହ କରାଯାଉଛି। ଥୁଆମୂଳ ରାମପୁର ଥାନାର ହୋମଗାର୍ଡ ତିଲସିଂ ମାଝୀ ଓ ସୁଇପର ଧନେଶ୍ୱର ନାଏକ ମାନବିକତା ଓ ସାହସର ଦୃଷ୍ଟାନ୍ତ ପ୍ରଦର୍ଶନ କରିଛନ୍ତି। ଦୁର୍ଗମ ଅଞ୍ଚଳ ହେତୁ ଗାଡ଼ି ଯାଇପାରୁନଥିବାରୁ ସେମାନେ ଦୁର୍ଗନ୍ଧ ସହି ମୃତଦେହକୁ କାନ୍ଧରେ ବୋହି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଆଣିଥିଲେ। ସେମାନଙ୍କ ଏହି କାର୍ଯ୍ୟକୁ ସ୍ଥାନୀୟ ମହଲରେ ପ୍ରଶଂସା କରାଯାଇଛି। ଏପରିକି, କୁମାରକାଣୀ ଗ୍ରାମରକ୍ଷୀ ସୋମନାଥ ନାଏକଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶୁକ୍ରବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବର ବ୍ୟବଚ୍ଛେଦ କରାଯିବା ସହ ବୟସ ଓ ପରିଚୟ ନିର୍ଣ୍ଣୟ ପାଇଁ ହାଡ଼ ପରୀକ୍ଷା ଓ ଅନ୍ୟାନ୍ୟ ନମୁନା ପରୀକ୍ଷାଗାରକୁ ପଠାଯିବ ବୋଲି ସୂଚନା ମିଳିଛି।

# ଘର ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଗଲା



**କୋକସରା, ୨୩।୪(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ଥାନା ସୁନାମାଳ ଗ୍ରାମରେ ନିଆଁ ଲଗି ଘର ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ମଧ୍ୟ ନିଆଁରେ ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବିଲରେ ଲାଗିଥିବା ନିଆଁ ମାଡ଼ି ଆସି ସୁନାମାଳଗ୍ରାମର ଟଙ୍କଧର ଦୁର୍ଗାଙ୍କ ଘର ଜଳିଯାଇଛି। ବୁଧବାର ଟଙ୍କଧରଙ୍କ ଘରେ କେହି ନଥିବା ବେଳେ ସେମାନେ ଏକ ବିବାହ କାମରେ ଯାଇଥିଲେ। ସମୟରେ କେହି ଜଣେ ବିଲରେ ନିଆଁ ଲଗାଇ ଥିଲା। ସେହି ନିଆଁ ଆସି ଟଙ୍କଧରଙ୍କ ଘର ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଛି। ଘର ଭିତରେ ଥିବା ଧାନ ଚାଉଳ, ମୁଗ, ଜମି ପଟା, ସମସ୍ତଙ୍କ ଆଧାର କାର୍ଡ, ବ୍ୟାଙ୍କ ପାସବୁକ୍ ସହ ନଗଦ ୫ ହଜାର ଟଙ୍କା ଆଦି ସାମଗ୍ରୀ ସହ ଲୁଗା ପଟା ନଷ୍ଟ ହୋଇଯାଇଛି। ବର୍ଷକର ଚଳଣି ସାମଗ୍ରୀ ନଷ୍ଟ ହେବାରୁ କିଭଳି ଚଳିବେ ଏବେ ଟଙ୍କଧରଙ୍କ ପରିବାର ଚିନ୍ତାରେ ପଡ଼ିଛନ୍ତି। ନିଆଁ ଲାଗିଥିବା ଖବର ଶୁଣି ଟଙ୍କଧରଙ୍କ ପରିବାର ସହ ଗ୍ରାମବାସୀ ଘର ନିକଟରେ ପହଛି କୋକସରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ କର୍ମଚାରୀ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ଘର ଓ ଘର ଭିତରେ ଥିବା ସାମଗ୍ରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ଟଙ୍କଧରଙ୍କ ସ୍ତ୍ରୀ ଛବିଳ ଦୁର୍ଗା ପ୍ରକାଶ କରିଛନ୍ତି। ପରିବାରଲୋକ ସରକାରୀ ସହାୟତା ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି।

# ଡ୍ରପ୍‌ଆଉଟ୍ ଛାତ୍ରଛାତ୍ରୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ



**ଥୁଆମୂଳରାମପୁର, ୨୩।୪ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁରରେ ବିଦ୍ୟାଳୟ ଛାଡ଼ି ଦେଇଥିବା (ଡ୍ରପ୍‌ଆଉଟ୍) ଛାତ୍ରଛାତ୍ରୀଙ୍କୁ ପୁନର୍ବାର ଶିକ୍ଷାର ମୁଖ୍ୟଧାରାରେ ଫେରାଇବା ଉଦ୍ଦେଶ୍ୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜେଏମ୍‌ଏଫ୍‌ସି କୋର୍ଟ ଓ ତାଲୁକ ଆଇନ ସେବା କମିଟିର ସଂଯୁକ୍ତ ପ୍ରୟାସରେ ବିରିକୋଟ ଗାଁରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜେଏମ୍‌ଏଫ୍‌ସି ମାଜିଷ୍ଟ୍ରେଟ ଓ ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ଡ଼ଃ ତାରିଣୀ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ସଚେତନତା ସଭାରେ ଡ୍ରପ୍‌ଆଉଟ୍ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ସଭାରେ ଅଧ୍ୟକ୍ଷ ଡ଼ଃ ସାହୁ କହିଥିଲେ ଯେ, ଶିକ୍ଷା ହେଉଛି ସମାଜ ଗଠନର ମୂଳ ଆଧାର। ଶିକ୍ଷା ବିନା ଉନ୍ନତ ଓ ସୁସ୍ଥ ସମାଜ ଗଠନ ସମ୍ଭବ ନୁହେଁ। ତଥାପି ଉପାନ୍ତ ଅଞ୍ଚଳରେ ଅନେକ ଶିଶୁ ପାଠ ପଢ଼ାରୁ ବିମୁଖ ହୋଇ ମଝିରେ ବିଦ୍ୟାଳୟ ଛାଡ଼ୁଛନ୍ତି, ଯାହା ଅତି ଚିନ୍ତାଜନକ। ଏହି ପରିସ୍ଥିତିକୁ ରୋକିବା ପାଇଁ ସମସ୍ତଙ୍କ ସଚେତନତା ଓ ସହଯୋଗ ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ। ଅଞ୍ଚଳରେ ଡ୍ରପ୍‌ଆଉଟ୍ ସମସ୍ୟା ବିକାଶରେ ବଡ଼ ବାଧକ ଭାବେ ଦେଖାଦେଉଛି। ଅଧାରେ ପଢ଼ା ଛାଡ଼ିଥିବା ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ପୁନଃ ବିଦ୍ୟାଳୟରେ ଭର୍ତ୍ତି କରାଇବା ଓ ପାଠପଢ଼ା ପ୍ରତି ଆଗ୍ରହୀ କରାଇବା ଆବଶ୍ୟକ। କାର୍ଯ୍ୟକ୍ରମରେ ଆଇନଜୀବୀ ଦିଲ୍ଲୀପ କୁମାର ନାଏକ, ଜେଏମ୍‌ଏଫ୍‌ସିର ବରିଷ୍ଠ କିରାଣୀ ଅଶୋକ କୁମାର ସାହୁ, କର୍ତ୍ତବ୍ୟ ସଂସ୍ଥାର ସଂଯୋଜକ ସୁଦର୍ଶନ ନାଏକ, ଡମ୍ବରୁ ଧର ନାଏକ ଓ ସୌଦାମିନୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଥୁଆମୂଳରାମପୁର ତାଲୁକ ଆଇନ ସେବା କମିଟି ଓ କୋର୍ଟ କର୍ମଚାରୀଙ୍କ ସହଯୋଗ କରିଥିଲେ।

### ବଲାଙ୍ଗିର ଜିଲ୍ଲାରେ ହେବ ନୂତନ ସୂତା ଉତ୍ପାଦନ ୟୁନିଟ୍

# କେସିଙ୍ଗା କୋଣାର୍କ ସୂତାକଳକୁ ଭୁଲିଗଲେ ରାଜ୍ୟ ସରକାର

**କେସିଙ୍ଗା, ୨୩।୪(ସମିସ)**

ଅଞ୍ଚଳର ପାରିପାର୍ଶିକ ବିକାଶ ସହିତ ଜିଲ୍ଲାର ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କୁ ରୋଜଗାର ଓ ଜିଲ୍ଲାର କପା ଚାଷୀଙ୍କ ଉପାର୍ଜିତ କପାର ସଠିକ ମୂଲ୍ୟ ପ୍ରଦାନ କରିବାର ଲକ୍ଷ୍ୟ ନେଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁପଟ୍ଟନାୟକ ୧୯୮୪ ମସିହାରେ କଳାହାଣ୍ଡି ଜିଲ୍ଲାର

## ରାଜ୍ୟସରକାରଙ୍କ ବୈମାତୃକ ମନୋଭାବକୁ ଅଞ୍ଚଳବାସୀଙ୍କ ନାପସନ୍ଦ

କେସିଙ୍ଗା ସହର କୋଣାର୍କ ସୂତାକଳ ସ୍ଥାପନ କରିଥିଲେ। ୧୯୯୩ ମସିହା ଠାରୁ ଏଠାରେ ଜିନିଂ ପ୍ଲାଣ୍ଟ ଆରମ୍ଭ ହୋଇଥିଲା କିଛି ବର୍ଷ ବେଶ ଭଲ ଭାବରେ ଚାଲିବା ପରେ କଣ ହେଲା କେଜାଣି ସୂତାକଳ କ୍ଷତିରେ ଚାଲିବା ଆରମ୍ଭ ହେବା ସହିତ କାଳକ୍ରମେ ବନ୍ଦ ହୋଇଗଲା। ଆଜକୁ ୪ ଦଶନ୍ଧି ଧରି ବନ୍ଦ ରହିଛି ସୂତାକଳ। ପୂର୍ବରୁ ଅନେକ ସଂଗଠନ କୋଣାର୍କ ସୂତାକଳ ର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାରଙ୍କୁ ଅନେକ ଦାବିପତ୍ର ସହିତ ଉଚ୍ଚତମ ନ୍ୟାୟାଳୟରେ ପିଟିସନ ମଧ୍ୟ ଦାୟର କରାଯାଇଛି। କିନ୍ତୁ ଚାରି ଦଶନ୍ଧି ଧରି ବନ୍ଦ ରହିଥିବା ଉକ୍ତ କୋଣାର୍କ ସୂତାକଳ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଭିତ୍ତିଭୂମିର ଅଭାବ ନାହିଁ ମେସିନ ଗୁଡ଼ିକ



ମଧ୍ୟ ଅଚଳ ଅବସ୍ଥାରେ ପଡ଼ିରହିଛି କେବଳ ସରକାରଙ୍କ ଆନ୍ତରିକତା ଓ ସରକାରୀ ଅନୁଦାନ ମିଳିଲେ ଏବେ ବି କୋଣାର୍କ ସୂତାକଳ କାର୍ଯ୍ୟକ୍ଷମ ହୋଇପାରିବ। ସେପଟେ ଗତକାଲି ରାଜ୍ୟସରକାର ବଲାଙ୍ଗିର ଜିଲ୍ଲାରେ ମେସର୍ସ ଅମ୍ବିକା କଟସ୍ପିନ ପକ୍ଷରୁ ୧୨୪ କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ସୂତାକଳ ୟୁନିଟ୍ ସ୍ଥାପନକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଯାହାକି ନିହାତି ପକ୍ଷେ ସ୍ୱାଗତ ଯୋଗ୍ୟ ପଦକ୍ଷେପ କିନ୍ତୁ କେସିଙ୍ଗା କୋଣାର୍କ ସୂତାକଳକୁ ସରକାରଙ୍କ ଅଣଦେଖା ଆଗାମୀ ଦିନରେ ତାହାର ପ୍ରତିଫଳନ ନିଶ୍ଚୟ ଦେଖାଯିବ ଏଥିରେ ମଧ୍ୟ ତିଳେମାତ୍ର ସନ୍ଦେହ ନାହିଁ। ସରକାରୀ କାଗଜପତ୍ର ହିସାବରେ ୨୦୨୫-୨୬ ରେ ଜିଲ୍ଲାରେ ପ୍ରାୟ ୬୦ ହେକ୍ଟରରେ କପା ଚାଷ କରାଯାଇ ୭୦ ହଜାର ଟନ୍ କପା ଉତ୍ପାଦନ ହୋଇଥିଲା ଯାହାକି ସାରାରାଜ୍ୟର କପା ଉତ୍ପାଦନର ୩୦ରୁ ୪୦ପ୍ରତିଶତ କେବଳ କଳାହାଣ୍ଡିରେ ଚାଷ ହେଉଛି ତାହା ପୁଣି ଉନ୍ନତମାନର। ସେହିପରି ଚଳିତ ବର୍ଷ କେସିଙ୍ଗା ବ୍ଲକରେ ମଧ୍ୟ ବମ୍ପର କପା ଉତ୍ପାଦନ ହୋଇଥିଲା। ଅନ୍ୟପଟେ ଗତ ବର୍ଷ ଡିସେମ୍ବର ମାସରେ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଏକ ଦଳୀୟ କାର୍ଯ୍ୟକ୍ରମରେ କେସିଙ୍ଗା ଆସିଥିବା ବେଳେ କେସିଙ୍ଗା ବିଜେପି କର୍ମକର୍ତ୍ତାଙ୍କ ଅନୁରୋଧ ରକ୍ଷା କରି ଅଚାନକ କୋଣାର୍କ ସୂତାକଳକୁ ନିରୀକ୍ଷଣରେ ଯାଇ ଭିତ୍ତିଭୂମିର ନିରୀକ୍ଷଣ କରି କୋଣାର୍କ ସୂତାକଳର ପୁନରୁଦ୍ଧାର ହେବ ବୋଲି ପ୍ରତିଶ୍ରୁତି ଓ ଆଶା ଦେଇ ଯାଇଥିଲେ। ବଲାଙ୍ଗିରରେ ନୂତନ ସୂତାକଳ ହେଉ ଏଥିରେ କୌଣସି ଅସୁବିଧା ନାହିଁ ହେଲେ କେସିଙ୍ଗା ଓ କଳାହାଣ୍ଡି ପ୍ରତି ରାଜ୍ୟ ସରକାରଙ୍କ ଲଗାତାର ଅବହେଳା ଅଞ୍ଚଳବାସୀ ସହଜରେ ହଜମ କରିପାରୁ ନାହାନ୍ତି। କାରଣ ସମସ୍ତ ଆବଶ୍ୟକତା ପୂରଣ କରିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କେସିଙ୍ଗା ମ୍ୟୁନିସପାଲିଟି ହୋଇ ପାରିଲାନାହିଁ। କେସିଙ୍ଗାରୁ ସିଧା ସଳଖ ଭୁବନେଶ୍ୱର ପାଇଁ ଟ୍ରେନ ଚାଲି ପାରିଲା ନାହିଁ, କେସିଙ୍ଗା ମେଡିକାଲରେ ଅତ୍ୟାବଶ୍ୟକ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ହୋଇ ପାରୁନାହିଁ ଆଉ ବର୍ତ୍ତମାନ କୋଣାର୍କ ସୂତାକଳକୁ ଅଣଦେଖା ଯୋଗୁଁ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଲୋକସଭା ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର ଓ ସଦର ବିଧାୟକ ସାଗର ଚରଣ ଦାସ ଅଞ୍ଚଳର ବିକାଶ, କପା ଚାଷୀଙ୍କ ସ୍ୱାର୍ଥ ଓ ବେକାରୀ ଦୂରୀକରଣ ପାଇଁ କୋଣାର୍କ ସୂତା କଳ କିପରି କାର୍ଯ୍ୟକ୍ଷମ ହେବ ସେହି ବିଷୟରେ ଆନ୍ତରିକତା ଦେଖାଇ ସରକାରଙ୍କ ସହିତ ଆଲୋଚନା କରି କୋଣାର୍କ ସୂତାକଳକୁ କାର୍ଯ୍ୟକ୍ଷମ କରିବା ଦିଗରେ ସହଯୋଗ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ମହୁମାଛି ଆକ୍ରମଣରୁ ବର୍ତ୍ତିବାକୁ ପାଣି ଟାଙ୍କିକୁ ଡେଇଁଲେ କର୍ମଚାରୀ

**ଗୋଲାମୁଣ୍ଡା, ୨୩।୪ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ବୃନ୍ଦାବାହାଲ ପେଟ୍ରୋଲ ପମ୍ପ ଓ ଗୋଇନ୍ଦୀ ମୁଣ୍ଡା ମଝିରେ ଥିବା ମେଘା ପ୍ରକଳ୍ପ ଦ୍ୱାରା ନିର୍ମାଣ ହୋଇଥିବା ପାଣି ଟାଙ୍କିରେ ଜଣେ ଯୁବକ ମହୁମାଛି ଆକ୍ରମଣରେ ଦୀର୍ଘ ୪ ଘଣ୍ଟା ଧରି ଫସିଥିବା ଜଣାପଡ଼ିଛି। ଯୁବକ ଜଣକ ବଦାଗାଁ ଗ୍ରାମର ଅବ୍ୟକ୍ତ ବଗର୍ତ୍ତା(୨୫)।



## ସ୍ଥାନୀୟ ଯୁବକ କଲେ ଉଦ୍ଧାର

ସେ ମେଘା ପ୍ରକଳ୍ପ କର୍ମଚାରୀ ବୋଲି ଜଣାପଡ଼ିଛି। ସୂଚନାରୁ ପ୍ରକାଶ କର୍ମଚାରୀ ଜଣକ ଟାଙ୍କିରେ ପାଣି ଅଛି ନା ନାହିଁ ଦେଖିବା ପାଇଁ ଟାଙ୍କି ଉପରକୁ ଚଢ଼ି ଯାଇଥିଲେ। ଉକ୍ତ ସମୟରେ ଟାଙ୍କିରେ ଥିବା ମହୁମାଛି ହଠାତ୍ ଆକ୍ରମଣରେ ଟାଙ୍କି ଭିତରେ ଥିବା ପାଣିରେ ଡେଇଁଥିଲେ। ହେଲେ ପାଖରେ ନିଜର ମୋବାଇଲ ଫୋନ ଥିବାରୁ ନିଜ କର୍ମଚାରୀମାନଙ୍କୁ ଫୋନ କରିଥିଲେ। ଖବର ପାଇ ବୃନ୍ଦାବାହଲ ସରପଞ୍ଚ ଙ୍କ ଦିନେଶ କୁମାର ରାଉତଙ୍କୁ ଜଣାଇବା ପରେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବିଭାଗ ଓ ଗୋଲାମୁଣ୍ଡା ପୁଲିସ ଏଏସ୍‌ଆଇ ପ୍ରେମରାଜ କହର ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରିରଖିଥିଲେ। ଟାଙ୍କି ପାଖରେ ପ୍ରବଳ ମହୁମାଛି ଥିବାରୁ ଭୟରେ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାରକରି ପାରିନଥିଲେ। ସ୍ଥାନୀୟ ଗୋଇନ୍ଦାମୁଣ୍ଡାର ଦୁଇ ଯୁବକ ବେଣୁଧର ବାନ୍ଧିଛୋଡ ଓ ସନି ମାଝୀ ଅଗ୍ନିଶମ ବିଭାଗର ସୁରକ୍ଷା ପୋଷାକ ପିନ୍ଧି ନିଜ ଜୀବନକୁ ବାଜି ଲଗାଇ ପାଣିଟାଙ୍କିରେ ଫସିଥିବା କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଜ ଜୀବନ ପ୍ରତି ଭୟଥିବା ବେଳେ ସ୍ଥାନୀୟ ଦୁଇ ଯୁବକ ଭୟ ନ କରି ଉଦ୍ଧାର କରିଥିବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସିତ ହୋଇଛନ୍ତି।

# ଆନ୍ଧ୍ରରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ସିନାପାଲି, ୨୩।୪(ସମିସ):** ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶ ଯାଇଥିବା ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ କେନ୍ଦୁମୁଣ୍ଡା ପଞ୍ଚାୟତ କାନ୍ଦୁଲକୋନା ଗ୍ରାମ କଲୋନୀପଡ଼ାର ନିଲେନ୍ଦ୍ରି ନାଗ (୩୭)ଙ୍କ ଗତ ବୁଧବାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପ୍ରାପ୍ତ ଖବର ଅନୁସାରେ ନିଲେନ୍ଦ୍ରି ଗତ ୪ମାସ ତଳେ ସ୍ୱାମୀ ପିତମ ନାଗ (୪୦) ଓ ଦୁଇ ନାବାଳକ ପୁଅ ଟଙ୍କେଶ୍ୱର ନାଗ (୯) ଓ କାହ୍ନା ନାଗ (୭)ଙ୍କୁ ଧରି ଆନ୍ଧ୍ର ପ୍ରଦେଶର ତ୍ରିପୁରାକୁ ଦାଦନ ଖଟିବାକୁ ଯାଇଥିଲେ। ପରିବାରର କହିଲେ ସ୍ୱାମୀ ସ୍ତ୍ରୀ ଓ ୩ଜଣ ନାବାଳକ ପୁଅ ଝିଅ ଅଛନ୍ତି। ସେଠାରେ ସ୍ୱାମୀ ସ୍ତ୍ରୀ ଏକ ଇଟା ଭାଟିରେ କାମ କରୁଥିଲେ। ହେଲେ ବୁଧବାର ସକାଳେ କାମ କରୁଥିବା ବେଳେ ହଠାତ କୌଣସି କାରଣରୁ ନିଲେନ୍ଦ୍ରି ତଳେ ପଡ଼ି ଯାଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ହସପିଟାଲ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ସେଠାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପରିବାର ଲୋକେ ନିଲେନ୍ଦ୍ରି ଙ୍କ ମୃତଦେହ ନିଜ ଗାଁ କାନ୍ଦୁଲକୋନା ଆଣି ଶବ ସତ୍କାର କରିଛନ୍ତି। ବର୍ତ୍ତମାନ ନିଲେନ୍ଦ୍ରିଙ୍କ ମୃତ୍ୟୁ ପରେ ସ୍ୱାମୀ ଓ ତାଙ୍କ ତିନି ନାବାଳକ ପୁଅ ଝିଅ ସମେତ ପରିବାର ଲୋକେ ଚିନ୍ତାରେ ଭାଙ୍ଗି ପଡ଼ିଥିବା ବେଳେ ପରିବାରକୁ ସରକାରୀ ସହାୟତା ଜରୁରୀ ହୋଇପଡ଼ିଛି।

# କେଲୁଆଗାଁରେ ଅଗ୍ନିକାଣ୍ଡ



**ଥୁଆମୂଳରାମପୁର, ୨୩।୪(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ ନାକୁରୁଣ୍ଡି ପଞ୍ଚାୟତ କେଲୁଆ ଗାଁର ସାନ ମାଝୀଙ୍କ ଘରର ରୋଷେଇ ଘରରେ ବୁଧବାର ରାତିରେ ହଠାତ୍ ଚୂଲିରୁ ନିଆଁ ଲାଗିଥିବା ସୂଚନା ମିଳିଛି। ସ୍ଥାନୀୟ ସୂଚନା ଅନୁସାରେ, ରାତି ସମୟରେ ରୋଷେଇ କାମ ସାରିବା ପରେ ଚୂଲିରେ ଥିବା ଅଗ୍ନି ସଠିକ୍ ଭାବେ ଲିଭାଇ ନଥିବାରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। କିଛି ସମୟ ମଧ୍ୟରେ ନିଆଁ ତିବ୍ର ହୋଇ ରୋଷେଇ ଘରକୁ ଆବୃତ କରିଦେଇଥିଲା। ଅଗ୍ନିକାଣ୍ଡ ଦେଖି ଗାଁର ଲୋକମାନେ ତୁରନ୍ତ ନିଆଁ ନିୟନ୍ତ୍ରଣ କରିବାକୁ ଲାଗିଥିଲେ। ସେମାନଙ୍କ ସମୟୋପଯୁକ୍ତ ପ୍ରୟାସରୁ ଅଗ୍ନି ଘରର ଅନ୍ୟ ଅଂଶକୁ ପ୍ରସାରିତ ହେବାରୁ ରୋକାଯାଇଥିଲା। ଅଗ୍ନିକାଣ୍ଡରେ ରୋଷେଇ ଘର ସମ୍ପୂର୍ଣ୍ଣ ଭାବେ ଜଳି ଭସ୍ମୀଭୂତ। ଘରେ ଥିବା ରାସନ ସାମଗ୍ରୀ ଜଳି ନଷ୍ଟ ଦୈନନ୍ଦିନ ବ୍ୟବହାରର ଆସବାବପତ୍ର ମଧ୍ୟ ପୋଡ଼ିଯାଇଥିବା ପରିବାର ଲୋକ କହିଛନ୍ତି। ପୀଡ଼ିତ ପରିବାର ପକ୍ଷରୁ ସରକାରୀ ସହାୟତା ଓ ରିଲିଫ୍ ଦାବି କରାଯାଇଛି।

# ଅବସରକାଳୀନ ସମ୍ବର୍ଦ୍ଧନା

**ନୂଆପଡ଼ା, ୨୩।୪(ସମିସ):** ନୂଆପଡ଼ା ଜିଲ୍ଲାର ସମସ୍ତ କର୍ମଚାରୀ ବିଭାଗ ପାଇଁ ଗର୍ବ ଓ ଗୌରବ ଅଟନ୍ତି। ତାଙ୍କ ସେବା, ତାଙ୍କ ଦାୟିତ୍ୱ ଏବଂ ନିଷ୍ଠାପରତା ପାଇଁ ଆଜି ପୁଲିସ ବିଭାଗ ଗର୍ବିତ। ସୁରକ୍ଷା ବାହିନୀର ଅଂଶ ବିଶେଷ ଭାବରେ ଯାଦବ ଚନ୍ଦ୍ର ଜଗତଙ୍କ ଏପ୍ରିଲ ୨୨ରେ ଅବସର ଗ୍ରହଣ କରିଛନ୍ତି। ବିଭାଗ ପାଇଁ ସଫଳତା ସହ ୪୨ ବର୍ଷ ୭ ମାସ ୨୫ ଦିନର ସେବା ଅତୁଳନୀୟ ଅବଦାନ ଅଟେ। ତେଣୁ ଅବସର ସମୟରେ ଏସ୍‌ପି ଅମୃତ ପାଲ ସିଂ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା ସଭାରେ ପୋଲିସ ଅତିରିକ୍ତ ଏସ୍‌ପି, ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା ହୋମ ଗାର୍ଡ ଆସୋସିଏସନ ତରଫରୁ ୭୭ହଜାର ୩୧୯ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସଂଘ ତରଫରୁ ସଭାପତି ଶରତ କୁମାର ହଂସଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଯାତ୍ରା

**ସିନାପାଲି, ୨୩।୪(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲିରେ ନବନିର୍ମିତ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଆରମ୍ଭ ହୋଇଛି। ଗୁରୁବାର ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ପ୍ରାୟ ପାଞ୍ଚ ଶହ ମହିଳା ସ୍ଥାନୀୟ ଉଦନ୍ତୀ ନଦୀରୁ ଅଭିମନ୍ତ୍ରିତ ପୂର୍ଣ୍ଣ କଳସ ଧାରଣ କରି ନଗର ପରିକ୍ରମା ପରେ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। କଳସ ଶୋଭାଯାତ୍ରାରେ ବିଭିନ୍ନ ସ୍ଥାନରୁ ଆସିଥିବା ଘଣ୍ଟ, ସଂକିର୍ତ୍ତନ, ଘୁମୁରା, ରାମକାଠି ଆଦି ପାରମ୍ପରିକ ସାଂସ୍କୃତିକ ଦଳ ମୁଖ୍ୟ ଆକର୍ଷଣ ଥିଲା। ମନ୍ଦିର ପ୍ରତିଷ୍ଠା ଅବସରରେ ଘୃତଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ ଆଦି ସହ ନୂତନ ମନ୍ଦିରର ଗର୍ଭାଧାନ, ରୁଦ୍ରାଭିଷେକ, ଷୋଡଶଉପଚାର, ଚଣ୍ଡୀପାଠ, ସୂର୍ଯ୍ୟପୂଜା, ବିଗ୍ରହଙ୍କ ନଗର ପରିକ୍ରମା, ଧ୍ୱଜାରୋହଣ ଆଦି ଧାର୍ମିକ କାର୍ଯ୍ୟକ୍ରମ ଆସନ୍ତା ସୋମବାର ଯାଏଁ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି। ମନ୍ଦିର ପ୍ରତିଷ୍ଠା ଉତ୍ସବ ପରିଚାଳନା କମିଟିର ସଭାପତି ସୁବାଷ ଅଗ୍ରୱାଲ, ଉପସଭାପତି ଈଶ୍ୱର ପ୍ରସାଦ ମେହେର, ସମ୍ପାଦକ ଚନ୍ଦ୍ରଶେଖର ମେହେର, ସହ ସମ୍ପାଦକ ଗଣେଶରାମ ମେହେର, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମେହେରଙ୍କ ସହ ଲୋକନାଥ ମେହେର, ଉଦ୍ଧବ ମେହେର, କ୍ଷୀରସିନ୍ଧୁ ମେହେର, ପ୍ରମୋଦ ମେହେର, ମୁରଲୀଧର ମେହେର, କେଶରୀ ମେହେର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆଗେଇ ଚାଲିଛି। ହରେକୃଷ୍ଣ ମେହେର, ଲମ୍ବୋଦର ମେହେର, ବଜ୍ଜୁ ଅଗ୍ରୱାଲ, ସୁବାଷ ଗର୍ଗ, ବିଘ୍ନରାଜ ମେହେର, ରସିକ ମେହେର, ଈଶ୍ୱର ପ୍ରସାଦ ମେହେର, ଆଲୋକ ମେହେର, ପ୍ରମୋଦ ମେହେର, ରିପୁଧର ସା ପ୍ରମୁଖ ସପତ୍ନୀକ କର୍ତ୍ତା ଦାୟିତ୍ୱରେ ରହିଛନ୍ତି। ସେହିପରି ମୁଖ୍ୟ ପୂଜକ ଭାବରେ ହରିଶ୍ଚନ୍ଦ୍ର ଖମାରୀ ଓ ସାଥି ପୂଜା ଦାୟିତ୍ୱରେ ରହିଛନ୍ତି।



# ପୋଖରୀରେ ଗାଧୁଆକୁ ନେଇ ତୁମୁଳକାଣ୍ଡ

**ଗୋଲାମୁଣ୍ଡା, ୨୩।୪(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ତୁମୁରା ଗାଁ ପୋଖରୀରେ ଗାଧୁଆକୁ ନେଇ ବଦ୍ରିନାଥ ପେଟ୍ରୋଲ ପମ୍ପର ମାଲିକ ତଥା ଜଣାଶୁଣା ଆଇନ୍‌ଜୀବୀ ବିମ୍ବାଧର ପଣ୍ଡା ସବୁଦିନ ଭଳି ଆଜି ମଧ୍ୟ ପୁରୁଣା ଟୋପିଦାର ବନ୍ଧୁକ ଧରି ପୋଖରୀ ହୁଡ଼ାରେ ବୁଲୁଥିବା ବେଳେ ତୁମୁରା ଗାଁର ସୁବ ନାଗ ଗାଧୋଇବା ପାଇଁ ପୋଖରୀକୁ ଯାଇଥିଲେ। ଦୁହିଁଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହେବା ଫଳରେ ଦୁଇଜଣ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ଉପୁଜିଥିବା ଜଣାପଡ଼ିଛି। ଧସ୍ତାଧସ୍ତି ମଧ୍ୟରେ ବିମ୍ବାଧର ପଣ୍ଡା ଧରିଥିବା ବନ୍ଧୁକର ନଳି ସୁବ ନାଗ ମୁଣ୍ଡରେ ବାଜିବାରୁ ମୁଣ୍ଡରେ କ୍ଷତ ହୋଇ ରକ୍ତସ୍ରାବ ହେଉଥିବା ଜଣାପଡ଼ିଛି। ଏଠାରେ ପ୍ରଶ୍ନ ଉଠେ କି ବିମ୍ବାଧର ପଣ୍ଡା ଧରିଥିବା ବନ୍ଧୁକର ଲାଇସେନ୍ସ ଅଛି ନା ବିନା ଲାଇସେନ୍ସରେ ବନ୍ଧୁକ ତାହା ଜାଣିବାକୁ ବାକି ରହିଲା। ଏନେଇ ଗୋଲାମୁଣ୍ଡା ଥାନାରେ ସୁବ ନାଗ ଲିଖିତ ଏତଲା ଦେଲା ପରେ ଗୋଲାମୁଣ୍ଡା ପୁଲିସ କଣ ପଦକ୍ଷେପ ନେଉଛି ଦେଖିବାକୁ ବାକି ରହିଲା। ଗୋଲାମୁଣ୍ଡା ଥାନା ଏଏସଆଇ ପ୍ରେମରାଜ କହଁରଙ୍କୁ ପଚାରିବାରୁ ଉଭୟ ପକ୍ଷ ଥାନାରେ ଅଛନ୍ତି କେସ ଏଯାଏଁ ଫାଇଲ୍ ହୋଇ ନାହିଁ ବୋଲି କହିଥିଲେ।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

**ନୂଆପଡ଼ା, ୨୩।୪(ସମିସ)**

ନୂଆପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡକ ସୁରକ୍ଷା କମିଟିର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ବିଶେଷ କରି ଏକତା ଛକରେ ସୁଗମ ଟ୍ରାଫିକ ବ୍ୟବସ୍ଥା, ଭେରା ଛକ, ଗାୟତ୍ରୀ ମନ୍ଦିର ଛକ, ସିର୍ଭୋଲ ଗ୍ରାମ ଛକ ମାନଙ୍କରେ ତଥା ଜିଲ୍ଲାର ଅନ୍ୟାନ୍ୟ ସ୍ଥାନମାନଙ୍କରେ ରାଜପଥ ସହ ସଂଯୁକ୍ତ ହେଉଥିବା ରାସ୍ତାଗୁଡ଼ିକରେ ବେଗନିରୋଧକ ସ୍ଥାପନା, ଏକତା ଛକ, ରେଲୱେ ଫାଟକ ଆଦି ସ୍ଥାନମାନଙ୍କରେ ଅପେକ୍ଷାରତ ଯାତ୍ରୀମାନେ ଖରାତାପରୁ ରକ୍ଷା ପାଇବା ପାଇଁ ସେଡ ନିର୍ମାଣ, ଜାତୀୟ ରାଜପଥରେ ଯଥେଷ୍ଟ ପରିମାଣରେ ସଡକ ସୁରକ୍ଷା ସମ୍ବନ୍ଧୀୟ ସଂକେତ




ଫଳକ ସ୍ଥାପନା, ବେଗନିରୋଧକ ନିର୍ମିତ ସ୍ଥାନମାନଙ୍କରେ ସ୍ପଷ୍ଟ ଦୃଶ୍ୟମାନ ଧଳା ରଙ୍ଗ ଲେପନ, ଆବଶ୍ୟକ ସ୍ଥଳେ ରାସ୍ତା ମରାମତି ଆଦି କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ସ୍ଥାପନା ହେବାକୁ ଥିବା ୧୦ଟି ହେଲମେଟ ହବ ଆସନ୍ତା ମେ ମାସ ୬ ତାରିଖରେ ଶୁଭାରମ୍ଭ ହେବ। ହେଲମେଟ ହବ ସମ୍ବନ୍ଧୀୟ ବିଶେଷ ବିବରଣୀ ଆସନ୍ତା ୨୮ ତାରିଖ ପରେ ଜଣାପଡ଼ିବ। ନୂଆପଡ଼ା ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପରିଚାଳକ ୫୦ଟି ହେଲମେଟ ଦାନ କରିଥିବାରୁ ଜିଲ୍ଲାପାଳ ତାଙ୍କୁ ବୈଠକରେ ସମ୍ମାନିତ କରିଥିଲେ। ସେହିପରି ଖରିଆରରୋଡ଼ର ମନୋଜ ଡାଗା ଓ ସଞ୍ଜୁ ସୋନିଙ୍କୁ ଗୁଡ଼ ସାମାରିଟାନ ହିସାବରେ ପ୍ରମାଣପତ୍ର, ଉପଢୌକନ ସହ ୨ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଚେକ୍ ଆକାରରେ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ବିନା ହେଲମେଟରେ ଦୁଇଚକିଆ ଗାଡିମାନଙ୍କୁ ପେଟ୍ରୋଲ ନ ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟର କର୍ମଚାରୀମାନେ ବାଧ୍ୟତାମୂଳକ ହେଲମେଟ ବ୍ୟବହାର କରିବେ ଏବଂ ଏହି ମର୍ମରେ କାର୍ଯ୍ୟାଳୟ ମୁଖ୍ୟମାନେ ପ୍ରତିମାସରେ ଜିଲ୍ଲାପାଳଙ୍କୁ ଏକ ରିପୋର୍ଟ ଦାଖଲ କରିବେ। ଅନ୍ୟାନ୍ୟ ସଡକ ସୁରକ୍ଷା ନିୟମ ପାଳନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ର ଉଦ୍‌ଘାଟିତ

**କୋକସରା, ୨୩।୪(ସମିସ):** କୋକସରା ବ୍ଲକ ଟେମରା ଗ୍ରାମରେ ନବ ନିର୍ମିତ ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଟେମରା ସରପଞ୍ଚ କ୍ଷୀତିରାମ ପାତ୍ର ମୁଖ୍ୟଅତିଥି ରୁପେ ଯୋଗଦେଇ ଆନୁଷ୍ଠାନିକ ଭାବେ



ଉଦ୍‌ଘାଟନ କରିଥିଲେ। କୋକସରା ଗୋଷ୍ଠୀ ପ୍ରାଣୀଚିକିତ୍ସା ଅଧିକାରୀ ପ୍ରସନ୍ନ ପରିଡ଼ା ମୁଖ୍ୟବକ୍ତା, ସୁଧୀର କୁମାର ପାତ୍ର, ସମିତି ସଭ୍ୟା ଅନୁସୟା ମାଝୀ, ନାଏବ ସରପଞ୍ଚ ପୂର୍ଣ୍ଣିମୀ ମାଝୀ, ମହିମା ସମିତି ସଭ୍ୟ ଘନଶ୍ୟାମ ନାଏକ, ରାଜେନ୍ଦ୍ର ନାଏକ, ଚୌଧୁରୀ ଦୁର୍ଗା, କୈଳାସ ଚଳାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ଗୋ' ଚାଷୀ, ମତ୍ସ୍ୟ ଓ ଛେଳି ଚାଷୀଙ୍କ ସହିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଧିକାରୀମାନେ ପ୍ରାଣୀ ସମ୍ପଦ ବିଭାଗ ଅଧୀନରେ ଚାଷୀଙ୍କ ପାଇଁ ରହିଥିବା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ ସେ ସବୁର କେମିତି ଲାଭ ଉଠାଇବେ ବୁଝାଇଥିଲେ। ଚାଷୀ କୁମୁଦ ଚନ୍ଦ୍ର ପାତ୍ର, ଗିରିଜା ଶଙ୍କର ହଂସ, ହୁକମି ବାଗ, ଅରୁଣା ବାଗ, ଦୁଷ୍ମନ୍ତ ପାତ୍ର, କ୍ଷତିସିନ୍ଧୁ ହଂସ ସମେତ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ମଞ୍ଚକୁ ରମେଶ ଚନ୍ଦ୍ର ହଂସ ପରିଚାଳନା କରିଥିବାବେଳେ ଟେମରା ଏଲ୍‌ଆଇ ଜୟରାମ ପୁଝାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଲ୍‌ଆଇ ଦେବି ସିଂ ନାଗ, କୈଳାଶ ସାହୁ, ଅର୍ଜୁନ ଲହଜଲ, ମୁକୁନ୍ଦ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିଡିଓଙ୍କ ମନମୁଖୀ କାମ ଓ ନିର୍ବାଚିତ ପ୍ରତିନିଧିଙ୍କୁ ଅସମ୍ମାନର ପ୍ରତିବାଦ

# ବିଜେଡି ପକ୍ଷରୁ ବ୍ଲକ୍ ସାମ୍ନାରେ ଗଣଧାରଣା

ଝାରସୁଗୁଡ଼ା,୨୩।୪(ସମିସ):



ବିଡିଓଙ୍କ ମନମୁଖୀ କାର୍ଯ୍ୟ ଓ ନିର୍ବାଚିତ ପ୍ରତିନିଧିଙ୍କୁ ଅସମ୍ମାନର ପ୍ରତିବାଦରେ ଆଜି ବିଜେଡି ପକ୍ଷରୁ ରାଲି ଓ ଗଣଧାରଣା କରାଯାଇଛି। ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବିଡିଓଙ୍କ ମନମୁଖୀ ଶାସନ, ସ୍ୱେଚ୍ଛାଚାରିତା, ଉନ୍ନୟନ କାର୍ଯ୍ୟରେ ଅବହେଳା ଓ ଜନସାଧାରଣଙ୍କ ସହ ନିର୍ବାଚିତ ପ୍ରତିନିଧିଙ୍କୁ ଅସମ୍ମାନ କରୁଥିବା ପ୍ରତିବାଦରେ ଗୁରୁବାର ବ୍ଲକ୍ ବିଜେଡି ପକ୍ଷରୁ ବ୍ଲକ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ନେତୃତ୍ୱରେ ବିଜେଡି କର୍ମୀଙ୍କ ସହ ଶତାଧିକ ଜନସାଧାରଣ ସ୍ଥାନୀୟ କରୁଣାକର ଛକରୁ ବିଭିନ୍ନ ପ୍ରତିବାଦ ସ୍ଲୋଗାନ ଦେଇ ଏକ ବିରାଟ ଶୋଭାଯାତ୍ରାରେ ବ୍ଲକ୍ ଅଫିସ ଆସିଥିଲେ। ଅଫିସ ସମ୍ମୁଖରେ ଅନୁଷ୍ଠିତ ଗଣଧାରଣା ସଭାରେ ପୂର୍ବତନ ବିଧାୟିକା ଦୀପାଳି ଦାସ ବିଡିଓଙ୍କ ସହ ବ୍ଲକ ପ୍ରଶାସନର ଏପରି କାର୍ଯ୍ୟକୁ ନେଇ ସମାଲୋଚନା କରିଥିଲେ। ବିଡିଓ ସମଗ୍ର ବ୍ଲକରେ ଉନ୍ନୟନ କାର୍ଯ୍ୟ ସମ୍ପାଦନ କରିବାରେ ପାତରଅନ୍ତର କରିବା ସହ ବ୍ୟାପକ ଅବହେଳା କରୁଥିବା ନେଇ ସେ ଅଭିଯୋଗ କରିଥିଲେ। ଗରିବଙ୍କୁ ଘର ପ୍ରଦାନରେ ମଧ୍ୟ ପାତରଅନ୍ତର ସହ ପ୍ରାୟ ୬ ଶହ ହିତାଧିକାରୀ ଭତ୍ତା ଅପେକ୍ଷାରେ ଥିବାବେଳେ ତାଙ୍କୁ ଭତ୍ତା ଦେବାରେ ବିଡିଓ ବିଳମ୍ବ କରୁଥିବା ଦୀପାଳି ଦାସ ଅଭିଯୋଗ କରିଥିଲେ। ଯଦି ବିଡିଓ ନିଜର ଦାୟିତ୍ୱ ଠିକ୍ ଭାବରେ ସମ୍ପାଦନ ନ କରନ୍ତି ତାହା ହେଲେ ବ୍ଲକ୍ କାର୍ଯ୍ୟାଳୟକୁ ଅଚଳ କରି ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ଅନୁଷ୍ଠିତ ପ୍ରତିବାଦ ଓ ଗଣଧାରଣା କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲ, ବିଜେଡି ଜିଲ୍ଲା ଉପସଭାପତି ତୁଳାରାମ ସେନାପତି, ବିଜେଡି ବ୍ଲକ୍ ସଭାପତି ପୁରୁଷୋତ୍ତମ ନାଏକ, ବିଜେଡି ଜିଲ୍ଲା ମହିଳା ସଭାନେତ୍ରୀ ଜୟନ୍ତୀ ବାହୁକ, ବ୍ଲକ୍ ବିଜେଡି ସଭାନେତ୍ରୀ ବିନୋଦିନୀ ପଟେଲ, ବୀର ମହାପାତ୍ର, ତୁଳେଶ୍ୱର ପଟେଲ, ଚେତାନନ୍ଦ ପଟେଲ, ଗୁରୁଚରଣ ସାହୁ, ସୁରେନ୍ଦ୍ର ନାଏକ ପ୍ରମୁଖ ବ୍ଲକ୍ ପ୍ରଶାସନର ଅବହେଳା ପ୍ରତିବାଦରେ ନିଜର ଅଭିଭାଷଣ ରଖିଥିଲେ। ବିଡିଓ ଅଶୋକ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ରଘୁନାଥପାଲି ସରପଞ୍ଚ ରଞ୍ଜନ ସରାଫ, ସମାସିଂହା ସରପଞ୍ଚ ସୁରଭି ସେନାପତି, କୋଲାବିରା ସରପଞ୍ଚ ଅଞ୍ଜଳି ବାଗ, ସମିତିସଭ୍ୟ ସନ୍ତୋଷ ପଟେଲ, ସମିତିସଭ୍ୟା ପାର୍ବତୀ ମହାନନ୍ଦ, ରମ୍ଭାବତୀ ଭୁଏ, ନୀଳାଦ୍ରି କାଲୋ, ସମିତିସଭ୍ୟ ବୃନ୍ଦାବନ ନାଏକ, ଦୀନବନ୍ଧୁ ଧୁରୁଆ, ବିଜେଡି ଯୁବ ସଭାପତି ପ୍ରବୀଣ ସାହୁ, ଯୁବନେତା ପ୍ରଶାନ୍ତ ମହାନନ୍ଦିଆ, ମଣ୍ଟୁ ନାୟକ, ଚିନୁ ବହିଦାର ପ୍ରମୁଖଙ୍କ ସହ ଶତାଧିକ ଦଳୀୟ କର୍ମୀ ଓ ଜନସାଧାରଣ ଯୋଗଦେଇଥିଲେ।

### ଭାରୀଯାନ ଯାତାୟାତରୁ ଦୀର୍ଘ ସମୟ ରାସ୍ତା ଜାମ

# ଫସି ରହିଲା ମୋ ବସ୍



ନୂଆପଡା,୨୩।୪(ସମିସ):ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହର ମଧ୍ୟରେ ଥିବା ମଡେଲ ଡିଗ୍ରୀ କଲେଜ ଆଜି ବି ବହୁ ସମସ୍ୟା ଦେଇ ସଂଘର୍ଷ କରୁଛି। କଲେଜକୁ ଯାତାୟାତ ପାଇଁ ସ୍ଥାୟୀ ରାସ୍ତା ନଥିବାରୁ

### ମୋଡେଲ ଡିଗ୍ରୀ କଲେଜକୁ ସ୍ଥାୟୀ ରାସ୍ତା ନାହିଁ

ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୁରୁବାର କିଛି ମାଲବାହୀ ଟ୍ରକ୍ ଯାତାୟାତ କରୁଥିବା ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା।ଛାତ୍ର ଛାତ୍ରୀ ନେଇ ଆସିଥିବା 'ମୋ ବସ୍' ବିପଦସଂକୁଳ ଅବସ୍ଥାରେ ଅଟକି ରହିଥିଲା। ଫଳରେ ଦୀର୍ଘ ସମୟ ଧରି ଛାତ୍ରଛାତ୍ରୀ କଲେଜ ଯିବାରେ ବାଧା ଉପୁଜିଥିଲା। ପ୍ରକାଶ ଯେ ସବୁଦିନ ଭଳି ମୋ ବସ୍ ଛାତ୍ରଛାତ୍ରୀଙ୍କୁ ନେଇ କଲେଜ ଅଭିମୁଖେ ଯାଉଥିଲା। କେନାଲରେ ଏକ ମାଲବାହୀ ଟ୍ରକ୍ ସହ ଡମ୍ଫର ଅଟକି ରହିଥିଲା। ଫଳରେ 'ମୋ ବସ୍' ଫସି ଯାଇଥିଲା। ସ୍ଥାନୀୟ ଲୋକ, ଅଭିଭାବକ ଆସି ଉଦ୍ଧାର କରିଥିଲେ। ଏକ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଦାବି ହୋଇ ଆସିଥିଲେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉଥିବାରୁ ଅସନ୍ତୋଷ ବଢ଼ି ବଢ଼ି ଚାଲିଛି। ପ୍ରଶାସନ ତୁରନ୍ତ ପଦକ୍ଷେପ ନନେଲେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ରେଙ୍ଗାଲବାହାଲରେ କ୍ଷେତ୍ର ଦିବସ



ଦେବଗଡ଼,୨୩।୪(ସମିସ): ରିଆମାଳ ବ୍ଲକ୍ ଅଧୀନ ରେଙ୍ଗାଲବାହାଲ ଗ୍ରାମରେ ଆଜି କ୍ଷେତ୍ରଦିବସ ପାଳିତ ହୋଇଯାଇଛି। ରିଆମାଳ ଗୋଷ୍ଠୀ ସହକାରୀ କୃଷି ଅଧିକାରୀ ଗୌରୀଶଙ୍କର ପ୍ରଧାନ ଯୋଗଦେଇ ପଡ଼ିଆ ଜମିରେ ଚାଷୀମାନେ କିପରି ମୁଗ, ହରଡ଼, ବିରି, ମାଣ୍ଡିଆ ଆଦି ଚାଷ କରି, ଆର୍ଥିକ ସ୍ଥିତି ସୁଦୃଢ଼ ହୋଇ ପାରିବେ ଓ ବ୍ଲକ୍ କୃଷି ପ୍ରଶାସନ ପକ୍ଷରୁ କିପରି ଚାଷୀମାନେ ସହଯୋଗ ପାଇ ପାରିବେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଧାନଚାଷ ସମ୍ବନ୍ଧରେ ମଧ୍ୟ ଆଲୋଚନା କରିଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ସୌରଭ ଶେଖର ସାହୁ, ସୁଷ୍ମନ୍ତ ସାହୁ, ସୁନୀଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରେଙ୍ଗାଲବାହାଲ ଗ୍ରାମର ସମସ୍ତ ଚାଷୀ ଉପସ୍ଥିତ ଥିଲେ। କୃଷକସାଥୀ କେଦାର ପ୍ରଧାନ ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ● ଅସହ୍ୟ ତାତିରେ ଜଳସେବା

# ପଥଚାରୀଙ୍କୁ ସରବତ୍ ବାଣ୍ଟିଲେ ଏସ୍‌ପି

ବରଗଡ,୨୩।୪ (ସମିସ): ବରଗଡ ଜିଲ୍ଲାରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବା ସହିତ ଅସହ୍ୟ ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ତୀବ୍ର ଗ୍ରୀଷ୍ମ



ପ୍ରଭାବରେ ବିଶେଷକରି ପଥଚାରୀମାନେ ବହୁତ ଅସୁବିଧାରେ ପଡୁଛନ୍ତି। ରାସ୍ତା ପାଶ୍ୱର୍ରେ ପାନୀୟ ଜଳ ଓ ଛାୟାର ଅଭାବ ଥିବାରୁ ସେମାନଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି।ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ବରଗଡ ଜିଲ୍ଲା ପୁଲିସ ପକ୍ଷରୁ ଏକ ମାନବିକ ପଦକ୍ଷେପ ନିଆଯାଇଛି। ଗୁରୁବାର ଦିନ ବରଗଡ ଏସ୍‌ପି ପ୍ରହଲ୍ଲାଦ ସହାୟ ମିନାଙ୍କ ନେତୃତ୍ୱରେ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ଖୋଲାଯାଇଥିବା ଜଳସେବା କେନ୍ଦ୍ରରେ ପଥଚାରୀମାନଙ୍କୁ ଥଣ୍ଡା ସରବତ୍ ବଣ୍ଟନ କରାଯାଇଥିଲା। ଏସ୍‌ପି ମିନା କହିଥିଲେ ଯେ, ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାର ପ୍ରତ୍ୟେକ ଥାନା ସମ୍ମୁଖରେ ଏଭଳି ଜଳସେବା କେନ୍ଦ୍ର ସ୍ଥାପନ କରାଯିବ। ଏହା ମାଧ୍ୟମରେ ସାଧାରଣ ଲୋକମାନଙ୍କୁ ଗରମରୁ କିଛି ପରିମାଣରେ ରକ୍ଷା କରାଯିବାକୁ ଲକ୍ଷ୍ୟ ରହିଛି। ପୁଲିସ ପକ୍ଷରୁ ଏଭଳି ସାମାଜିକ ଓ ସେବାମୂଳକ ପଦକ୍ଷେପକୁ ସାଧାରଣ ଲୋକ ଏବଂ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି। ଗ୍ରୀଷ୍ମରେ ଜଳସେବା କାର୍ଯ୍ୟକ୍ରମ ଲୋକଙ୍କ ପାଇଁ ନିଶ୍ଚିତଭାବେ ଏକ ଶ୍ରେୟସ୍କର ପଦକ୍ଷେପ ବୋଲି ଅତିରିକ୍ତ ଏସ୍‌ପି ଶିବ ପ୍ରସାଦ ବିଶ୍ୱାଳ କହିଛନ୍ତି।

### ● ୪୭ ଦିନରେ ଚାଷୀଙ୍କ ଧାରଣା

# ପ୍ରଶାସନ କି ନିର୍ବାଚିତ ଜନପ୍ରତିନିଧିଙ୍କ ଦେଖାନାହିଁ



ବରଗଡ଼,୨୩। ୪(ସମିସ): ଜିଲ୍ଲାପାଳ ଅଫିସ ସମ୍ମୁଖରେ ଧାନ ବିକ୍ରୀରୁ ବଞ୍ଚିତ ଥିବା ଚାଷୀମାନଙ୍କ ଧାରଣା ୪୭ ଦିନରେ ପହଞ୍ଚି ଥିବା ବେଳେ ସମସ୍ୟା ବୁଝିବା ପାଇଁ ଜିଲ୍ଲା ପ୍ରଶାସନ କିମ୍ବା ନିର୍ବାଚିତ ଜନପ୍ରତିନିଧିଙ୍କ ପାଖରେ ସମୟ ନାହିଁ କିମ୍ବା ହୃଦୟ ନାହିଁ। ପ୍ରବଳ ରୁଦ୍ରତାପ କାରଣରୁ ସ୍କୁଲ ବନ୍ଦ ଅଫିସ ସକାଳୁଆ ଏବଂ ଟାଣ ଖରାରେ କାମ ନ ଥିଲେ ବାହାରକୁ ବାହାରିବା ମନା ବା ଅତି ସତର୍କ ହୋଇ ଦିନ ୧୧ ପରେ ଏବଂ ୪ ଟା ପୂର୍ବରୁ ବାହାରକୁ ବାହାରିବା ନିଷିଦ୍ଧ କରାଯାଇଛି ହେଲେ ଚାଷୀ ଏତେ ଟାଣ ଖରାରେ ମଧ୍ୟ ଧାନବିକ୍ରି କରିବା ଆଶାରେ ଅଫିସ ସମ୍ମୁଖରେ ବସିରହିଛି। ଗୁରୁବାର ଜିଲ୍ଲା ସମାଜସେବୀ ସଂଘ ତରଫରୁ ବଳିଷ୍ଠ ଦୁର୍ଗା, ରାଜେଶ ଶର୍ମା, ମନୋଜ ବାଗ, ଅନନ୍ତ ପଧାନ, ମୋହନ ଅଗ୍ରୱାଲ, ଚିତ୍ତରଞ୍ଜନ ସାହୁ, ମିଠାରାମ ସାହୁ, ସୌମ୍ୟରଂଜନ ସାହୁ ଆନ୍ଦୋଳନ ରତ ଚାଷୀମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଦେଇ ସମବେଦନା ଜ୍ଞାପନ କରିଛନ୍ତି ଯାହା ମନୁଷ୍ୟ ଧର୍ମର କର୍ମ ଅଟେ ବୋଲି ସଂଗଠନ ତରଫରୁ ସାଦରେ ଗ୍ରହଣ କରିବା ସହିତ ଧନ୍ୟବାଦ ଜଣାଇଛନ୍ତି।

# ବିଶ୍ୱ ପୁସ୍ତକ ଦିବସ ପାଳିତ



ବରଗଡ଼,୨୩। ୪(ସମିସ):ପୁସ୍ତକ ବୌଦ୍ଧିକ ଜ୍ଞାନର ପରିସୀମାକୁ ପରିପୁଷ୍ଟ କରେ। ବ୍ୟକ୍ତିର ଚିନ୍ତା ଚେତନା ଓ ଭାବ ଭାବନାର ଅଭିବୃଦ୍ଧି ଘଟାଏ।ସମସ୍ତ ଛାତ୍ରଛାତ୍ରୀ ପୁସ୍ତକ ମନସ୍କ ହେବା ଉଚିତ ବୋଲି ଶିଶୁଶ୍ରୀ ତରଫରୁ ଆୟୋଜିତ ବିଶ୍ୱ ପୁସ୍ତକ ଦିବସରେ ମତ ପ୍ରକାଶ ପାଇଛି। ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ତରଫରୁ ସ୍ଥାନୀୟ ସ୍ମୃତି ନଗରଠାରେ କୁନିକୁନି ପିଲାଙ୍କୁ ନେଇ ଆୟୋଜିତ ବିଶ୍ୱ ପୁସ୍ତକ ଦିବସ ଅବସରରେ ପଡ଼ାର ଛାତ୍ରଛାତ୍ରୀ ଏକତ୍ରିତ ହୋଇ ପତ୍ର ପତ୍ରିକା, ଗପ କବିତା ଓ ଜୀବନୀ ପୁସ୍ତକ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଚିରାଗ ପଟେଲ, ସାନଭି ପାଣ୍ଡେ, ରୁଦ୍ରାଂସ ମେହେର, ସାଇ ସ୍ୱରୂପ ସାହୁ, ରୁଦ୍ର ସାହୁ, ରୋସନ୍ କୁମାର ଦାଶ, ଶିବାନୀ ନାଗ, ଆୟୁଷୀ ତାଣ୍ଡି, ବିଉଟିସ୍ମିତା ସାହୁ,ଶିବ୍ରାଂଶୁ ପ୍ରଧାନ ପ୍ରମୁଖ ଅତି ସୁନ୍ଦର ଭାବରେ ଖଣ୍ଡି ଖଣ୍ଡି ଭାଷାରେ ନିଜ ନିଜର ଗପ କବିତା ଉପସ୍ଥାପନ କରିଥିଲେ। ସେମାନଙ୍କ ମଧ୍ୟରୁ ତୁଷାର କାନ୍ତ ପାଣ୍ଡେ, ଡୁଗୁ ଭୋଇ, ନିଶା ପାଣ୍ଡେ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ପିଲା ମାନଂକୁ ପୁସ୍ତକ ପଠନର ଉପାଦେୟତା ଓ ମହାପୁରୁଷଙ୍କ ଜୀବନୀ ସମ୍ପର୍କରେ ପଡ଼ାର ବୟସ୍କ ବ୍ୟକ୍ତିମାନଙ୍କ ଭିତରୁ ଅନୀଲ ଶର୍ମା, ବିକାଶ ଶର୍ମା,ଘନଶ୍ୟାମ ବାରିକ, ଲୁକୁ ସିକା, ଶଙ୍କରଲାଲ ଅଗ୍ରୱାଲା, ବିନୋଦ କୁମାର ମାହାଣା , ସମ୍ପଦ ସାହୁ ପ୍ରମୁଖ ପୁସ୍ତକ ବୌଦ୍ଧିକ ଜ୍ଞାନର ପରିସୀମା କୁ ପରିପୁଷ୍ଟ କରେ ଓ ବ୍ୟକ୍ତିର ଚିନ୍ତା ଚେତନା ଓ ଭାବ ଭାବନାର ଅଭିବୃଦ୍ଧି ଘଟାଏ ବୋଲି ମତବ୍ୟକ୍ତ କରିଥିଲେ। ଆବାହକ ଡ. ରବିନାରାୟଣ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

### ସଟ୍ଟା ଆଡ୍ଡାରେ ଚଢ଼ଉ

# ୫ ଗିରଫ, ଟଙ୍କା ସହ ବିଭିନ୍ନ ସାମଗ୍ରୀ ଜବତ

ବରଗଡ଼, ୨୩।୪(ସମିସ): ବରଗଡ଼ ସଦର ଥାନା ପୁଲିସ ଦ୍ୱାରା ସଟ୍ଟା ଆଡ୍ଡାରେ ଚଢ଼ଉ କରାଯାଇ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏନେଇ ସଦର ଥାନାରେ କେସ୍ ନଂ ୧୨୩/୨୬





ମାମଲା ରୁଜୁ ହୋଇଛି। ତଥ୍ୟ ଅନୁଯାୟୀ, ବରଗଡ଼ ସଦର ଥାନା ନିଲେଶ୍ୱର ଓ ମହନ୍ତିପଡା ଅଞ୍ଚଳରେ ସଟ୍ଟା କାରବାର ଚାଲୁଥିବା ବେଳେ ଚଢ଼ଉ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ନେପାଳ ସାହୁ (୪୬), ସଦାନନ୍ଦ ସାହୁ (୩୯), ଗିରିଜା ଶଙ୍କର ସାହୁ (୨୪),ସୁରୁବାବୁ ସାହୁ (୪୫) ଏବଂ ସନ୍ତୋଷ ପୋପଟାନି (୪୨)। ସମସ୍ତଙ୍କୁ ଧରି ପଚରାଉଚରା କରାଯାଉଛି। ଘଟଣାସ୍ଥଳରୁ ପୁଲିସ ମୋଟ ୧୮,୨୧୦ ଟଙ୍କା ନଗଦ ଜବତ କରିଥିବା ସହିତ ୨ଟି ସଟ୍ଟା ଚାର୍ଟ, ୫ଟି ସଟ୍ଟା ଚିଟ୍, ୨ଟି ସ୍କେଚ୍ ପେନ୍, ଗୋଟିଏ ମୋବାଇଲ ଜବତ କରିଛି। ଏଥିସହିତ ଗୋଟିଏ ଜୁପିଟର ସ୍କୁଟି ଓ ଗୋଟିଏ ହୋଣ୍ଡା ସାଇନ୍ ବାଇକ୍ ମଧ୍ୟ ଜବତ କରାଯାଇଛି। ପୁଲିସ କହିଛି ଯେ, ଏହି ଆଡ୍ଡା ଦୀର୍ଘଦିନ ଧରି ଅଞ୍ଚଳରେ ଅବୈଧ ଭାବେ ସଟ୍ଟା କାରବାର କରୁଥିଲେ ଓ ଲୋକଙ୍କୁ ଭୁଲ ପଥରେ ନେଉଥିଲେ। କୌଣସି ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ସଦର ଥାନା ଅଧିକାରୀ ପ୍ରଣୟ ମୁର୍ମୁ, ଟ୍ରାଫିକ ଇନେସ୍ପେକ୍ଟର ମଙ୍ଗଲ କିସ୍କୋ ସମେତ ସ୍ୱତନ୍ତ୍ର ଟିମ୍ ଗଠନ କରି ଚଢ଼ଉ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ପାଳନ

ଭବାନୀପାଟଣା,୨୩।୪(ସମିସ):କଳାହାଣ୍ଡି ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ପାଳନ ସଦଭାବନା ସଭାଗୃହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ନିହାର ରଂଜନ ପଣ୍ଡା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଶୈଳେନ୍ଦୁ ଶେଖର ମହାପାତ୍ର, ସମାଜ କଲ୍ୟାଣ ଅଧିକାରୀ, ସୁମିତା ଦେବୀ ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସମ୍ମାନିତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ସହିତ ପୋଷଣ ପକ୍ଷ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥାପନା କରିଥିଲେ। ପରବର୍ତ୍ତୀ ସମୟରେ ପୋଷଣ ଜିଲ୍ଲା ସଂଯୋଜକ ଅଜୟ ବିହାର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲ୍ଲା ଶିଶୁ କଲ୍ୟାଣ ସମିତି ସଦସ୍ୟ, ବିଶ୍ୱନାଥ ଦାସ, ପୋଷଣ ଅଭିଯାନ ଓ ପୋଷଣ ପକ୍ଷ ଉପରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଅଭିଭାଷଣରେ ରଖିଥିଲେ ଯେ ବିଭାଗରର ସମସ୍ତ ଯୋଜନାକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ଏବଂ ଦୁଇ ବର୍ଷ ମଧ୍ୟରେ କିପରି ଅତିଶୟ ପୁଷ୍ଟିହୀନତା ଶିଶୁଙ୍କ ସଂଖ୍ୟାକୁ ନାଶ କରିପାରିବା ତାହା ବୁଝାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଅଭିଭାଷଣରେ ଶିଶୁ ହେଉଛନ୍ତି ଆମର ମୁଖ୍ୟ ଏବଂ ଭବିଷ୍ୟତ, ତେଣୁ ଆମର ସମସ୍ତ କାର୍ଯ୍ୟକଳାପ ଶିଶୁଙ୍କର ବୃଦ୍ଧି କରିବା। ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ତାଙ୍କ ଅଭିଭାଷଣରେ ସମସ୍ତ ଅଙ୍ଗନୱାଡି ଦିଦି ନିଜର ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇଲେ ଆଗାମୀ ଦିନରେ ପୋଷଣ ପକ୍ଷର ଲକ୍ଷ୍ୟକୁ ହାସଲ କରିପାରିବା ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ପୋଷଣ ପକ୍ଷର ମୁଖ୍ୟ ବିଷୟ ଉପରେ ସବିଶେଷ ଆଲୋଚନା କରିଥିଲେ ଏବଂ ୬ ବର୍ଷ ମଧ୍ୟରେ ମସ୍ତିଷ୍କର ବିକାଶ କେତେ ଗୁରୁତ୍ୱପୂର୍ଣ୍ଣ ତାହା ବୁଝାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଞ୍ଚଳ ପରିଦର୍ଶନ ଅଧିକାରୀ, ପୋଷଣ ଜିଲ୍ଲା କାର୍ଯ୍ୟକ୍ରମ ସହାୟକ, ପୋଷଣ ବ୍ଲକ



ସଂଯୋଜକ ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ। ଅଙ୍ଗନୱାଡି କର୍ମୀ ମାନେ ବିଭିନ୍ନ ପ୍ରକାରର ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ଏହି ସବୁ ଖାଦ୍ୟକୁ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଅନ୍ୟାନ୍ୟ ସମ୍ମାନୀତ ଅତିଥିମାନେ ପରିଦର୍ଶନ କରିଥିଲେ।ଶେଷରେ ପ୍ରୋଗ୍ରାମ ଅଫିସର ଶ୍ରୀମତୀ ନମିତା ରାଣୀ ପଲ ଧନ୍ୟବାଦ ଅର୍ପଣ କରିଥିଲେ।

### ■ ବନ୍ଧାହେଲେ ୩ ପେଶାଦାର ଅପରାଧୀ

# ପିସ୍ତଲ, ଗଞ୍ଜେଇ ଓ ଲକ୍ଷାଧିକ ଟଙ୍କା ଜବତ

ଇବଥର୍ମାଲ,୨୩।୪(ସମିସ): ଝାରସୁଗୁଡ଼ା ଜିଲ୍ଲା ପୁଲିସ ଦ୍ୱାରା 'ଅପରେସନ ନଶାମୁକ୍ତ ଓଡ଼ିଶା ଅଭିଯାନ' ଅନୁସାରେ ବନହରପାଲି ପୁଲିସ୍ ଏକ ବଡ଼ ସଫଳତା ହାସଲ କରିଛି। ମଙ୍ଗଳବାର ରାତିରେ ପାଟ୍ରୋଲିଂ ସମୟରେ ପୁଲିସ୍ ତିନି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଏମ୍‌ଡି କମାଲ ଓରଫ୍ କମାଲୁଦ୍ଦିନ୍ (୩୨), ସୁରେଶ ସିଂହ(୩୦) ଏବଂ ନରେନ୍ଦ୍ର ପ୍ରସାଦ ବୈସ (୨୨)। ଏମାନଙ୍କ ଠାରୁ ପୁଲିସ ପ୍ରାୟ ୨୧ କେଜି ୯୪ ଗ୍ରାମ ଗଞ୍ଜେଇ,



ଗୋଟିଏ ଦେଶୀ ୭.୬୫ ଅଟୋ ପିସ୍ତଲ, ଲୋଡେଡ୍ ମ୍ୟାଜିକ ସହିତ ୫ଟି ଗୁଳି ଜବତ କରିଛି। ସେହିପରି ଏମାନଙ୍କ ଠାରୁ ମୋଟ୍ ୪ ଲକ୍ଷ ୮୭ ହଜାର ୯ ୯୦ ଟଙ୍କା, ଗୋଟିଏ ବାଇକ୍ ଓ ମୋବାଇଲ ଫୋନ୍ ଜବତ କରାଯାଇଛି। ଆଜି ତିନିଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନହରପାଲି ଥାନା ଅଧିକାରୀ ବିନୋଦ କୁମାର ରାଓ ପ୍ରକାଶ କରିଛନ୍ତି।

# ଅସୁରଗଡ଼ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଭବାନୀପାଟଣା,୨୩।୪(ସମିସ): ଅସୁରଗଡ଼ରେ ନବନିର୍ମିତ ଶ୍ରୀରାମ ମନ୍ଦିରର ପ୍ରତିଷ୍ଠା ପାଇଁ ନର୍ଲା ବ୍ଲକ ମାଣ୍ଡେଲ ପଞ୍ଚାୟତର ଅସୁରଗଡ଼ ଉତ୍ସବ ମୁଖର ହୋଇ ଉଠିଛି। ଅପ୍ରେଲ ୧୯ରୁ ଆରମ୍ଭ ହୋଇଥିବା ଭବ୍ୟ ସମାରୋହ ୨୭ ତାରିଖ ଦିନ ପୂର୍ଣ୍ଣାହୁତି ସହ ସମାପନ ହେବ ବୋଲି ପରିଚାଳନା ସମିତିର ସଭାପତି ଘନଶ୍ୟାମ ପଧାନ ଏବଂ ସମ୍ପାଦକ ତୁଷାର ସାହୁ ସୂଚନା ଦେଇଛନ୍ତି। ବୈଦିକ ବିଧିରେ ବୁଧବାର ଶ୍ରୀରାମ, ଲକ୍ଷ୍ମଣ, ସୀତା ଦେବୀ, ହନୁମାନଙ୍କ ସମେତ ପାଶ୍ୱର୍ ଦେବାଦେବୀଙ୍କ ମହାସ୍ନାନ ସମ୍ପନ୍ନ ହୋଇଛି। ହାରାମଣି ପଧାନ ଓ ଘନଶ୍ୟାମ ପଧାନ, ଜଗନ୍ନାଥ ଗଉଡ ଓ ଯଶୋବନ୍ତୀ ଗଉଡ, ବୈଦ୍ୟନାଥ ପାଢୀ ଓ ପୁଷ୍ପାଞ୍ଜଳୀ ମହାହୃତି, ମିନାକ୍ଷୀ ନାଏକ ଓ ତୁମେଶ୍ୱର ନାଏକ ଏବଂ ପୀତାମ୍ବର ଗଉଡ ଓ ଧରିତ୍ରୀ ଗଉଡ ଏଭଳି ୫ ଯୋଡି ଦମ୍ପତି କର୍ତ୍ତା ଓ କର୍ତ୍ତି ସୁବାସିତ ଜଳରେ ଠାକୁରଙ୍କୁ ସ୍ନାନ କରାଇଥିଲେ। ବ୍ରହ୍ମା ପୁରୋହିତ ଭାବରେ ପଣ୍ଡିତ ମନୋଜ କୁମାର ପାଢୀ, ସହଯୋଗୀ ପଣ୍ଡିତ ଭାବରେ ଶେଷଦେବ ପାଢୀ, ଆଶିଷ କୁମାର ଷଡଙ୍ଗୀ, ବନୌଜ ଶତପଥି, ସୌମ୍ୟରଞ୍ଜନ ଶତପଥି, କଳ୍ପତରୁ ପାଢୀ, ସଙ୍ଗମ ଦାସ, ସୁବ୍ରତ ମିଶ୍ର ଓ ସମ୍ବିତ ରଥ ପ୍ରମୁଖ ଠାକୁର ମାନଙ୍କ ମହା ସ୍ନାନ ବିଧି ପରିଚାଳନା କରିଥିଲେ। ଗୋବିନ୍ଦ ଗଉଡ, ନିର୍ମଳ ଗଉଡ, ନରୋତ୍ତମ ଗଉଡ, ତ୍ରିଲୋଚନ ପଧାନ ପ୍ରମୁଖ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

### ଘେଁସ ମାଟିରୁ ଗର୍ଜିଲା ସର୍ବଭାରତୀୟ ବିଞ୍ଝାଲ ଛାତ୍ର ସମାଜ

# ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ସହ ସାମାଜିକ ଅଧିକାର ପାଇଁ ମେଳି

ମେଲଛାମୁଣ୍ଡା,୨୩।୪(ସମିସ):



ବୀରତ୍ୱ, ସ୍ୱାଭିମାନ ଓ ପବିତ୍ର ଭୂମିର ବୀରପୁତ୍ର ଘେଁସ ଜମିଦାର ସହିଦ ମାଧୋ ସିଂଙ୍କ ବୀରତ୍ୱର ଗାଥାକୁ ପାଥେୟ କରି ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଛତିଶଗଡ଼ରୁ ସର୍ବଭାରତୀୟ ବିଞ୍ଝାଲ ଛାତ୍ର ସମାଜ'ର ପ୍ରତିନିଧି ଦଳ ଘେଁସ ସହିଦ ପୀଠରେ ପହଞ୍ଚି ନିଜର ହକ୍ ପାଇଁ ରଣହୁଙ୍କାର ଦେଇଛନ୍ତି। ଛତିଶଗଡ଼ ରାଜ୍ୟ ବିଞ୍ଝାଲ ଯୁବ ସମାଜ ପ୍ରଦେଶ ଅଧ୍ୟକ୍ଷ ହେମସାଗର ବିଞ୍ଝାଲଙ୍କ ନେତୃତ୍ୱରେ ମହାରାଷ୍ଟ୍ର ରାଜ୍ୟର ବିଞ୍ଝାଲ ମହିଳା ଛାତ୍ର ସମାଜର ନେତ୍ରୀ ଦୀପମାଲା ବିଞ୍ଝାଲ, ନୀନା ବିଞ୍ଝାଲ, ଛତିଶଗଡ଼ ରାଜ୍ୟର ବନ୍ଧଲାଲ ବିଞ୍ଝାଲ, ସାରେ ବିଞ୍ଝାଲ, ଦୃଷ୍ଟି ବିଞ୍ଝାଲ, ଚୁଲବୁଲି ବିଞ୍ଝାଲ ପ୍ରମୁଖ ବାହାର ରାଜ୍ୟର ପ୍ରତିନିଧି ଦଳ ସହିଦ ମାଧୋ ସିଂଙ୍କ ରାଜମହଲ, ଐତିହାସିକ ଅସ୍ତ୍ରାଗାର, ସ୍ମୃତିପୀଠ ଓ ଦେବୀପୀଠ ପରିଦର୍ଶନ କରିବା ସହ ସହିଦ ବୀର ମାଧୋ ସିଂ ଓ ତାଙ୍କର ଚାରିଜଣ ଅକୁତୋଭୟ ପୁତ୍ର କୁଞ୍ଜଲ ସିଂ, ହଟେ ସିଂ, ବୈରୀ ସିଂ ଓ ଐରୀ ସିଂଙ୍କ ବଳିଦାନକୁ ମନେ ପକାଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସହିଦଙ୍କ ଦାୟାଦ ରଣଜିତ ସିଂ ବରିହା ଓ ପରିବାରଙ୍କ ସହ ସାକ୍ଷାତ କରିଥିଲେ। ସହିଦ ବୀର ମାନଙ୍କ ଇତିହାସ ଉପରେ ଗବେଷଣା କରୁଥିବା ଗବେଷକ ଅଶୋକ କୁମାର ପୂଝାରୀ, ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ସଭାପତି ଗୋବିନ୍ଦ ବରିହାଙ୍କ ସହିତ ସାକ୍ଷାତ କରି ସେ ସମୟର ରକ୍ତରଞ୍ଜିତ ସଂଗ୍ରାମ ଓ ସାମାଜିକ ପରମ୍ପରାର ସମ୍ବନ୍ଧରେ ଆଲୋଚନା କରି ବିଞ୍ଝାଲ ସଂପ୍ରଦାୟର ବହୁ ନୂଆତଥ୍ୟ ସମ୍ବନ୍ଧରେ ଜାଣିବାକୁ ପାଇଥିଲେ। ଓଡ଼ିଶାରେ ବିଞ୍ଝାଲ ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି (ଏସ ଟି/ଏସ୍‌ସି) ଭାବେ ସରକାରୀ ସୁବିଧା ମିଳୁଥିବା ବେଳେ, ପଡ଼ୋଶୀ ରାଜ୍ୟ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଛତିଶଗଡ଼ ସମେତ ଭାରତର ବିଭିନ୍ନ ରାଜ୍ୟରେ ବିଞ୍ଝାଲ ସମାଜ ଏହି ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ରହିଛନ୍ତି। ସଠିକ୍ ସାମାଜିକ ମାନ୍ୟତା ଅଭାବରୁ ଏହି ରାଜ୍ୟର ହଜାର ହଜାର ବିଞ୍ଝାଲ ସମାଜର ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଓ ସରକାରୀ ନିଯୁକ୍ତି କ୍ଷେତ୍ରରେ ପଛରେ ପଡ଼ିଯାଉଥିବାର କ୍ଷୋଭର ସହିତ ପ୍ରକାଶ କରିଥିଲେ। ଓଡ଼ିଶାରୁ ସମସ୍ତ ପ୍ରାମାଣିକ ତଥ୍ୟ ଓ ଐତିହାସିକ ଦଲିଲ ସଂଗ୍ରହ କରିବା ପରେ ଏହାକୁ ନେଇ କେନ୍ଦ୍ର ସରକାର ଓ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବେ। ସାରା ଭାରତରେ ବିଞ୍ଝାଲ ସମାଜକୁ ସମାନ ସାମାଜିକ ସ୍ୱୀକୃତି ନମିଳିବା ପର୍ଯ୍ୟନ୍ତ ଏହି ସଂଗ୍ରାମ ଜାରି ରହିବ ବୋଲି ମହାରାଷ୍ଟ୍ର ବିଞ୍ଝାଲ ମହିଳା ଛାତ୍ରସମାଜ ନେତ୍ରୀ ଦୀପମାଲା ବିଞ୍ଝାଲ ଓ ଛତିଶଗଡ଼ ବିଞ୍ଝାଲ ଯୁବ ସମାଜର ପ୍ରଦେଶ ଅଧ୍ୟକ୍ଷ ହେମସାଗର ବିଞ୍ଝାଲ କହିଛନ୍ତି । ଜିଲ୍ଲା ଆଦିବାସୀ ମହାସଂଘର ପରକ୍ଷିତ ବରିହା, ରିତେଶ ବରିହା, ବିଜୟ ବରିହାଙ୍କ ସମେତ ସମାଜର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଏହି ରଣନୀତିକୁ ସମର୍ଥନ କରିଥିଲେ। ଘେଁସର ଏହି ପବିତ୍ର ମାଟିରୁ ଆରମ୍ଭ ହୋଇଥିବା ଅଭିଯାନ ଆଗାମୀ ଦିନରେ ବିଞ୍ଝାଲ ସମାଜ ପାଇଁ ଏକ ନୂତନ ସୂର୍ଯ୍ୟୋଦୟ ଆଣିବ ବୋଲି ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ସଭାପତି ଗୋବିନ୍ଦ ବରିହା କହିଛନ୍ତି।

